ସକାଳ THE SAKALA



## ଅଖିଳ ଭାରତ କୃଷକ ସଭାର ଆଲୋଚନା

ଦିଗପହଣ୍ଡି, ୧୮ ।୬(ସମିସ): ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ପୋଡ଼ାବାଡି ଗ୍ରାମ ଅଖିଳ ଭାରତ କୃଷକ ସଭା ଶାଖା ପକ୍ଷରୁ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି । ସୋମନାଥ ଦଳେଇ ସଭାରେ ଅଧକ୍ଷତା କରିଥିଲେ । ଶ୍ରମିକ ସଂଗଠନ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଅଳକନାଥ ମିଶ୍ର ସଭାରେ ଅତିଥି ଭାବେ ଯୋଗଦେଇ କୃଷକ ମାନଙ୍କ ସମସ୍ୟା, ସମସ୍ତ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା, ଚାଷୀଙ୍କ ଉତ୍ପାଦିତ ଫସଲକୁ ଉଚିତ ବଜାର ଦର ପ୍ରଦାନ କରିବା ସହ ଅଖିଳ ଭାରତ କୃଷକ ସଙ୍ଗଠନର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ । ଚକାତେନ୍ତୁଳି ଗ୍ରାମ ନିକଟରେ ଥିବା ଗାୟତ୍ରୀ ବିଶାଳ କୁକୁଡ଼ା, ଅଣ୍ଡା ଫାର୍ମ ହାଉସ କମ୍ପାନୀରେ କୌଣସି କାରଣ ନଥାଇ ଶ୍ରମିକ ମାନଙ୍କୁ କର୍ତ୍ତୃପକ୍ଷ ନିର୍ଯାତନା ଦେବାସହ କାମରୁ ଛଟେଇ ପ୍ରତିବାଦରେ ସବିଶେଷ ଆଲୋଚନା କରାଯାଇଥିଲା । ଛଟେଇ ଶ୍ରମିକ ମାନଙ୍କୁ କମ୍ପାନୀରେ ତୁରନ୍ତ ନିଯୁକ୍ତି ଦିଆନଗଲେ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଏବଂ ଅଖିଳ ଭାରତ କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବା ନିମନ୍ତେ ସଭାରେ ନିଷ୍ପତ୍ତି ନିଆଯାଇଥିଲା ।

### ପ୍ରଶାସନର ଦାୟିତ୍ୱହୀନତା

# ଖତଖାଉଛି ଛାତ୍ରଛାତ୍ରୀଙ୍କ ଟେବୁଲ୍, ଚେୟାର

ପାରଳାଖେମୁଣ୍ଡି, ୧୮ ।୬(ସମିସ): ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ



ଚେୟାର ଟେବୁଲ ପରିତ୍ୟକ୍ତ ଅବସ୍ଥାରେ ପଡ଼ିବା ସହ ଖତ ଖାଉଛି । ଗଜପତି ଜିଲ୍ଲା ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଏପରି ହୋଇଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ ଚଳିତବର୍ଷ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନରେ ମହାବିଦ୍ୟାଳୟରେ ଇଭିଏମ୍ ରଖିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଷ୍ଟ୍ରଙ୍ଗରୁମ୍ କରାଯାଇଥିଲା । ଷ୍ଟ୍ରଙ୍ଗରୁମ୍ ହେବା ଯୋଗୁଁ ପ୍ରତ୍ୟେକ ଶ୍ରେଣୀ କକ୍ଷରେ ଥିବା ଟେବୁଲ ଚେୟାର ଜିଲ୍ଲା ପ୍ରଶାସନ ତରଫରୁ ବାହାର କରାଯାଇ ଖୋଲା ସ୍ଥାନରେ ପରିତ୍ୟକ୍ତ ଅବସ୍ଥାରେ ରଖାଯାଇଥିଲା । ଏଠାରୁ ଜିଲ୍ଲାର ଦୁଇଟି ନିର୍ବାଚନମଣ୍ଡଳୀ ପାରଳାଖେମୁଣ୍ଡି ଓ ମୋହନା ନିମନ୍ତେ ଇଭିଏମ୍ ମେସିନ୍ ପଠାଯାଇଥିଲା । ମତଦାନ ପରେ ସେହି ମେସିନ୍ ଅଣାଯାଇ ସେଠାରେ ରଖାଯାଇଥିଲା । ଚଳିତ ମାସ ୪ ତାରିଖ ଦିନ ମତଗଣନା ଶେଷ ହେବା ସହ ନିର୍ବାଚନ ଫଳାଫଳ ଘୋଷଣା କରାଯାଇଥିଲା । ତାପରଠୁ ଇଭିଏମ୍ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । କିନ୍ତୁ ଯେଉଁ ଠାରେ ଷ୍ଟ୍ରଙ୍ଗରୁମ୍ କରାଯାଇଥିଲା ତାହା ଖାଲି ହେବା ପରେ ଟେବୁଲ ଚେୟାରକୁ ପୁଣିଥରେ ଶ୍ରେଣୀ ଗୃହରେ ନ ରଖି ସେହିପରି ଛାଡ ଦିଆଯାଇଛି । ଯଦ୍ୱାରାକି କାଳବୈଶାଖୀ ବର୍ଷା ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ଟେବୁଲ ଚୌକି ଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । କିଛି ଦିନ ମଧ୍ୟରେ ଗ୍ରୀଷ୍ମ ଛୁଟି ଶେଷ ହେବ । ପୁଣି ମହାବିଦ୍ୟାଳୟ ଖୋଲିବ । ତେବେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ କେଉଁଠାରେ ବସି ଅଧ୍ୟୟନ କରିବେ ତାହା ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଏହା ବ୍ୟତୀତ ୫-ଟିରେ ହୋଇଥିବା ଅତ୍ୟାଧୁନିକ ଶ୍ରେଣୀ କକ୍ଷର ସମସ୍ତ ଆନୁଷାଙ୍ଗିକ ବ୍ୟବସ୍ଥା ଗୁଡିକ ମଧ୍ୟ ନଷ୍ଟ ହୋଇଯାଇଛି । ଜିଲ୍ଲା ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଏଭଳି ଘଟିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।




### ● ରାଷ୍ଟ୍ରମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

## ସମସ୍ୟା ନେଇ କ୍ଷୋଭ ପ୍ରକାଶ କଲେ



ପୋଲସରା, ୧୮ ।୬(ସମିସ): ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଙ୍ଗଳବାର ମତ୍ସ୍ୟ, ପଶୁ ସମ୍ପଦ ଓ ଏମ.ଏସ.ଏମ୍.ଇ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅଚାନକ ପରିଦର୍ଶନ କରିଥିଲେ । ଡାକ୍ତରଖାନା ପରିସର ବୁଲି ଦେଖିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପଚାରି ବୁଝିଥିଲେ । ରୋଗୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଦୈନନ୍ଦିନ ରୋଗୀଙ୍କ ରେକର୍ଡ ଯାଞ୍ଚ କରିବା ସହ ମେଡିକାଲ ଇନଚାର୍ଜଙ୍କ ସହ ଆଲୋଚନା କରି ଖାଲିପଡ଼ିଥିବା ପଦବୀ ସମ୍ପର୍କରେ ପଚାରି ବୁଝିଥିଲେ । ଚାରୋଟି ସ୍ପେସିଆଲିଷ୍ଟ ଡାକ୍ତର ବଦଳରେ ଜଣେ ମାତ୍ର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ରହିବା ଓ ଭିତ୍ତିଭୂମିର ଅବ୍ୟବସ୍ଥା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଆବଶ୍ୟକ ଷ୍ଟାଫ ନର୍ସ, ସୁଇପର ନଥିବା ମେଡିସିନ ମଧ୍ୟ ନଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ରୋଗୀଙ୍କୁ ବେଡ ସିଟ୍ ମିଳୁନଥିବା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ । ଓ.ପି.ଡି.ରେ ଏ.ସି.ର ବ୍ୟବସ୍ଥା କରିବା ସହ ପାନୀୟ ଜଳର ବ୍ୟବସ୍ଥା ଓ ଡାକ୍ତର ସମସ୍ୟାର ସମାଧାନ ସହିତ ପ୍ରମୁଖ ସମସ୍ୟା ଗୁଡ଼ିକୁ ସମାଧାନ କରିବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଦୀର୍ଘଦିନ ଧରି ରୋଗୀ କଲ୍ୟାଣ ସମିତି ବୈଠକ ହୋଇନଥିବା ନେଇ ମଧ କ୍ଷୋଭ ପ୍ରକାଶ କରିଥିଲେ । ଏହି ଅବସରରେ ବିଜେପି ଉପସଭାପତି ପ୍ରଭାକର ପଣ୍ଡା, ଯୁବ ମୋର୍ଚ୍ଚା ସଭାପତି ଦୀପକ ପ୍ରଧାନଙ୍କ ସମେତ ବହୁତ ସଂଖ୍ୟାରେ ସମର୍ଥକ ଓ ଦଳୀୟ କର୍ମୀ ଯୋଗଦେଇଥିଲେ ।

## ସ୍କୁଲରୁ ଚୋରି କରି ଦୁଇ ଗିରଫ

ଗଞ୍ଜାମ, ୧୮ ।୬(ସମିସ): ଗଞ୍ଜାମ ସହର ସରକାରୀ ନୋଡାଲ ଉଚ୍ଚ ବାଳିକା ବିଦ୍ୟାଳୟରୁ ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି । ଶିକ୍ଷାନୁଷ୍ଠାନରୁ ରବିବାର ବିଳମ୍ବିତ ରାତ୍ରରେ ଗୋଟିଏ ମାଇକ୍ରୋସ୍କୋପ, ସିସି ଟିଭି ଓ ଇନଭଟର ମାଇକ୍ରୋ ବ୍ୟାଟେରୀ ଚୋରି ହୋଇଯାଇଥିବା ନେଇ ସ୍ଥାନୀୟ ପୁଲିସରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୁଲିସ ସ୍ଥାନୀୟ କରଣ ସାହିର ଶଙ୍କର ଗୌଡ଼(୨୯) ଓ ଆକାଶ ବୈଦ୍ୟ (୧୯)ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ସମସ୍ତ ଚୋରି ସାମାଗ୍ରୀ ଜବତ କରିଛି । ମଙ୍ଗଳବାର ଉଭୟଙ୍କୁ ୧୪୮/୨୪ ପ୍ରକାରେ କେସ ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି ।

### ● ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ଦାବି

## ତହସିଲଦାରଙ୍କୁ ଭେଟିଲେ ବିଜେପି ପ୍ରତିନିଧି ଦଳ



ରଙ୍ଗେଇଲୁଣ୍ଡା, ୧୮ ।୬(ସମିସ): ଗୋପାଳପୁର ନିର୍ବାଚନମଣ୍ଡଳୀ ଅଞ୍ଚଳବାସୀ ସଠିକ ସମୟରେ ମୌଳିକ ସମସ୍ୟାରୁ ବଞ୍ଚିତ ନ ହେବା ଏବଂ ସରକାରୀ ଯୋଜନା ଠିକ ଭାବେ ତୃଣମୂଳସ୍ତରରେ ପହଁଚିବ ସେଥିପ୍ରତି ଗୁରୁତ୍ୱ ଦେବାପାଇଁ ବିଜେପି ଏକ ପ୍ରତିନିଧି ଦଳ କନିସି ତହସିଲଦାର, ବିଡ଼ିଓ, ବିଇଓ, ବ୍ଲକ କୃଷି ଅଧିକାରୀ, ସିଡ଼ିପିଓ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ମଙ୍ଗଳବାର ସକାଳେ ଜିଲ୍ଲା ବିଜେପି ପଛୁଆ ବର୍ଗର ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁନୀଲ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରଙ୍ଗେଇଲୁଣ୍ଡା ବିଡ଼ିଓ ଅଂଶୁମାନ ମହାପାତ୍ରଙ୍କୁ ଭେଟି ପ୍ରକୃତ ହିତାଧିକାରୀ ମାନେ କିଭଳି ସରକାରଙ୍କ ଯୋଜନାରେ ବାଦ ନ ପଡ଼ିବେ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଅନୁରୋଧ କରିଥିଲେ ଏବଂ ବିଧବା, ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା ଗୁଡିକ ଗ୍ରାମ ମାନଙ୍କରେ ବିଞ୍ଚିତ ଥିବା ହିତାଧିକାରୀଙ୍କୁ ପିଇଓ ମାନଙ୍କ ଦ୍ୱାରା ସେମାନଙ୍କ ଘରେ ପହଞ୍ଚାଇବା ପାଇଁ କୁହାଯାଇଥିଲା । ପରେ କନିସି ତହସିଲଦାର ପ୍ରଜ୍ଞାନନ୍ଦ ଶତପଥୀ ଭେଟି ସମୟ ସୀମା ମଧ୍ୟରେ ଲୋକ କିଭଳି ପଟ୍ଟା ପାଇ ପାରିବେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ନ ଆସି ସେବା ପାଇବା ପାଇଁ ବିଜେପି ପ୍ରତିନିଧି କହିଥିଲେ । ଏହା ବ୍ୟତିତ ଭିନ୍ନକ୍ଷମ ବ୍ୟକ୍ତି ଘରେ ରହି ସେବା ଯେପରି ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ବ୍ଲକ କୃଷି ଅଧିକାରୀଙ୍କ ସହିତ ମିଶି ଅଞ୍ଚଳର କୃଷକ ମାନଙ୍କୁ ଯୋଜନା ସମ୍ପର୍କରେ ଆଗୁଆ ସୂଚନା ଦେବା ସହ ଯୋଜନାରେ ସାମିଲ କରିବା ପାଇଁ କହିଥିଲେ । ଏହି ଅବସରରେ ଯୁବ ନେତା ବାଲ୍ୟରାମ ଦଳେଇ, ଡବ୍ଲୁ. ବାଲକ୍ରିଷ୍ଣା, ରଜତ ପଣ୍ଡିତ, ବୁଲୁ ନାହକ, ଗଙ୍ଗାଧର ପାତ୍ର, ଅଭିନାଶ ପାତ୍ର ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ଆଖଣ୍ଡଳମଣି ମନ୍ଦିରର ବାର୍ଷିକ ଉତ୍ସବ



ରମ୍ଭା, ୧୮ ।୬(ସମିସ): ସ୍ଥାନୀୟ ମିଞ୍ଚିନି ପାଟଣା ବାବା ଆଖଣ୍ଡଳମଣିଙ୍କ ପ୍ରଥମ ବାର୍ଷିକ ଉତ୍ସବ ଓ ଅଷ୍ଟ ପ୍ରହରୀ ନାମଯଜ୍ଞ ପଣ୍ଡିତ ଅଶୋକ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି । ନାମଯଜ୍ଞ ପରିଚାଳନାରେ ମହନ୍ତ ହରମୋହନ ଦାଶ ଓ ସହଯୋଗୀ ସହଯୋଗ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଯଥାବିଧି ବୈଦିକ ରୀତିରେ ପାଳନ ହେବାପାଇଁ ଆୟୋଜକଙ୍କ ଠାରୁ ପ୍ରକାଶ । କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ସୂଚୀ ପ୍ରକାରେ ଜଳ ଯାତ୍ରା, ନାମାଧିବାସ, ଯଜ୍ଞ, ନାମ ଆରମ୍ଭ, କର୍ମର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଦିବା ରାତ୍ର ଚାଲୁ ରହିଛି । କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସାମିଲ ହୋଇ ବାବା ଆଖଣ୍ଡଳମଣିଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଆର. ସୋମନାଥ ରେ‡ୀ, ସମ୍ପାଦକ ବି. ଦଣ୍ଡପାଣି ପାତ୍ର, କୋଷାଧ୍ୟକ୍ଷ ଜେ. ଲୋକନାଥ ପାତ୍ର, ନାଇଡୁ, ଏନ. ଡମ୍ବରୁଧର ପାତ୍ର, ଜେ.ଭାସ୍କାର ପାତ୍ର ଶଙ୍କର ସାହୁ, ଏ. ଗଙ୍ଗାଧର ପାତ୍ର, ଏଙ୍କା ପାତ୍ର, ଜେ. ଦଣ୍ଡପାଣି, ଦୁଃଶାସନ ପାତ୍ର ଏବଂ ସହିଦ ଭଗତସିଂ ଯୁବକ ସଂଘ, ସୁବାଷ ବୋଷ ଯୁବକ ସଂଘର ଯୁବକ ମାନେ ପରିଚାଳନା କରୁଛନ୍ତି ।

## ପିଏମ୍ କିଶାନ ସମ୍ମାନ ନିଧି କିସ୍ତି ପ୍ରଦାନ ବୈଠକ



ଦାରିଙ୍ଗବାଡ଼ି, ୧୮।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଭିଡ଼ିଓ କନଫରେନ୍ସ ମାଧ୍ୟମରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଦାରିଙ୍ଗବାଡ଼ିରେ ବ୍ଲକସ୍ତରୀୟ ପିଏମ କିଶାନ ସମ୍ମାନ ନିଧିର ୧୭ତମ କିସ୍ତିର ଟଙ୍କା ହସ୍ତାନ୍ତର ନେଇ କେନ୍ଦ୍ର ସରକାରଙ୍କ ଭର୍ଚ୍ୟୁଆଲ ବୈଠକ କୃଷି ଅଧିକାରୀଙ୍କ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତର କୃଷକ, କର୍ମୀ ଓ କୃଷି ସଖୀ ଯୋଗ ଦେଇ ପିଏମ କିଶାନ ସମ୍ମାନ ନିଧିର ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ପାଇଥିଲେ । ବ୍ଲକ କୃଷି ଅଧିକାରୀ ସୀତାଂଶୁ ମଲିକଙ୍କ ନେତୃତ୍ୱରେ ହୋଇଥିବା ବୈଠକରେ ଅତିରିକ୍ତ କୃଷି ଅଧିକାରୀଣୀ ଅସ୍ଲେଶା ରଥ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ନିହାର ରଞ୍ଜନ ମିଶ୍ର, କୃଷି ଅଧିକାରୀ ଅମୀୟ ପଟ୍ଟନାୟକ, ନିଳାଦ୍ରୀ ନାଥ ସାବତ, ଚିତ୍ତରଞ୍ଜନ ପଣ୍ଡା, ପ୍ରଭାତ ବେହେରା, ଜିତେନ୍ଦ୍ର ବେହେରା, ଅରୁଣ କୁମାର ପଟ୍ଟନାୟକ, ରଞ୍ଜିତ ପ୍ରଧାନ, ଜୋମୁନାଥ ସ୍ୱାଇଁ ଓ ସତ୍ୟପ୍ରକାଶ ବାରିକଙ୍କ ସହଯୋଗରେ ପରିଚାଳିତ ହୋଇଥିଲା ।

## ଫୁଲବାଣୀରେ ଆର୍ଟ ଅଫ୍ ଗିଭିଂ ଦିବସ



ଫୁଲବାଣୀ, ୧୮।୬(ସମିସ): ଜିଲ୍ଲା ପ୍ରେସ୍ କ୍ଲବ୍‌ରେ ବରିଷ୍ଠ ସାମ୍ବାଦିକ ଅଜିତ ମହାରଣାଙ୍କ ନେତୃତ୍ୱରେ ୧୧ ତମ ଆର୍ଟ ଅଫ୍ ଗିଭିଙ୍ଗ ଡେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ନବ କିଶୋର ରଥ, ସମ୍ମାନିତ ଅତିଥି ଭାବେ କିସର ଜିଲ୍ଲା ସଂଯୋଜକ ଭାଗୀରଥି ସେଠୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସତ୍ୟ ନାରାୟଣ ବେହେରା, କଣ୍ଠଶିଳ୍ପୀ ଜଳନ୍ଧର ବେହେରା ଓ ପ୍ରେସ କ୍ଲବ ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧି ମଞ୍ଚାସୀନ ଥିଲେ । ଦୂରଦୃଷ୍ଟି ସମ୍ପନ୍ନ ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଏହି ଦିବସ ପାଳନ କରାଯାଉଛି । ଚଳିତ ବର୍ଷ 'ଆର୍ଟ ଅଫ୍ ଗିଭିଙ୍ଗ୍'ର ଏକାଦଶ ଅଧ୍ୟାୟ ସାରା ବିଶ୍ୱର ୧୨୦ ଦେଶରେ ପାଳନ କରାଯାଉଛି । ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ଅନୁଯାୟୀ, ପ୍ରତ୍ୟେକ ଛୋଟ ଦୟାଳୁ କାର୍ଯ୍ୟ ସମାଜ ଉପରେ ଏକ ମହତପୂର୍ଣ୍ଣ ପ୍ରଭାବ ପକାଇପାରେ । ଏକତ୍ର ହୋଇ ନିସ୍ୱାର୍ଥପର ଭାବରେ ଦାନ କରି, ଦୟା ଏବଂ କରୁଣାର ଏକ ପ୍ରଭାବ ସୃଷ୍ଟି କରିପାରିବା ଏହାର ଲକ୍ଷ୍ୟ । ଚଳିତ ବର୍ଷ ଆର୍ଟ ଅଫ୍ ଗିଭିଙ୍ଗ୍ ଡେ ୬ଟି ମହାଦେଶର ୧୦୦୦୦ ସ୍ଥାନରେ ପାଳନ କରାଯିବ । ଭାରତରେ ୨୮ ରାଜ୍ୟ, ୪ କେନ୍ଦ୍ର ଶାସିତ ଅଞ୍ଚଳ, ୫୦୦୦ ସ୍ଥାନ ଏବଂ ୨୦୦ ସହରରେ ଆର୍ଟ ଅଫ୍ ଗିଭିଙ୍ଗ୍ ଡେ ଉତ୍ସବ ଅନୁଷ୍ଠିତ ହେବ ବୋଲି ମଞ୍ଚାସୀନ ଅତିଥି ସୂଚନା ଦେଇଛନ୍ତି । ବସ୍ତୁବାଦୀ ଆବଶ୍ୟକ୍ତା, ଉଦ୍‌ବେଗ, କଷ୍ଟ, ଏକାକୀତ୍ୱ, ଧୈର୍ଯ୍ୟର ଅଭାବ ଓ ହତାଶାକୁ ପ୍ରତିହତ କରିବା 'ଆର୍ଟ ଅଫ୍ ଗିଭିଂ'ର ଉଦ୍ଦେଶ୍ୟ ବୋଲି ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ କହିଥିଲେ । କାର୍ଯ୍ୟକ୍ରମରେ ସାଗର ପାଢ଼ୀ ଏବଂ ହୃରଞ୍ଜନ ସେଠୀ ସହଯୋଗ କରିଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ



ସୋରଡା, ୧୮ ।୬(ସମିସ): ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରାକୃତିକ ବିପର୍ଯ୍ୟୟକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ସୋରଡ଼ା ସହରର ସମସ୍ତ ବିଭାଗୀୟ ମୁଖ୍ୟ ଯଥା ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ, ଶିକ୍ଷା, ଶିଶୁ କଲ୍ୟାଣ, ପଶୁ ଚିକିତ୍ସକ, ଅଗ୍ନିଶମ ବିଭାଗ ମାନଙ୍କୁ ନେଇ ଏକ ଜରୁରୀ ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଇଛି । ବୈଠକରେ ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ମହାରଣା ଓ କାର୍ଯ୍ୟକ୍ରମ ସଂଯୋଜକ ଯୋତିନ୍ଦ୍ର କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅଧିବେଶନ ଆରମ୍ଭ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସନ୍ତୋଷ କୁମାର ରଥ, ପ୍ରମୋଦ ଅଧିକାରି, ସାନ୍ତୁନୁ ଶତପଥୀ, ଦିଲୀପ ସାହୁ, ହରେକୃଷ୍ଣ ଦାସ, ମୁକେଶ ବେହେରା, ବିକାଶ ସେନାପତି, ସନ୍ତୋଷ ବେହେରା, ଜଗନ୍ନାଥ ନାୟକ, ରତିରଞ୍ଜନ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଆଗନ୍ତୁକ ସମୟରେ ବିପର୍ଯ୍ୟସ୍ତ ସମୟରେ ସଠିକ ଭାବେ ମୁକାବିଲା ଓ ଅଗୁଆ ପ୍ରସ୍ତୁତି ପୂର୍ବକ ସବିଶେଷ ଆଲୋଚନା କରିଥିଲେ । ଶେଷରେ ପ୍ରକଳ୍ପ ସଂଯୋଜକ ଯୋତିନ୍ଦ୍ର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ କନ୍ଧମାଳ ସାଂସଦ

ଫୁଲବାଣୀ, ୧୮।୬(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଥିଲା ସମ୍ବର୍ଦ୍ଧନା ଉତ୍ସବ । ଏହି ଉତ୍ସବରେ ବିଦ୍ୟାଳୟର ଚଳିତ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ସମଗ୍ର ଜିଲ୍ଲାରେ ଅଧିକାଂଶ ସରକାରୀ ସ୍ମାର୍ଟ ବିଦ୍ୟାଳୟରେ ଏ୧, ଏ୨ ନଥିବା ବେଳେ ସର୍ବାଧିକ ୭ ଜଣ ଛାତ୍ରୀ ଏ୧ ଗ୍ରେଡ ରଖି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏହି ପରିପ୍ରେକ୍ଷୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ



ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଶୁଭେନ୍ଦୁ ତ୍ରିପାଠୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ ରଥ, ବିଦ୍ୟାଳୟ ସଭାପତି ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି. ଶିବ ଶଙ୍କର ପାତ୍ର ଓ ଆଇନଜୀବୀ ରମେଶ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ । ସମାଜର ଉନ୍ନତି ପାଇଁ ଆମ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସାଂସଦ ଶ୍ରୀ ପାଣିଗ୍ରାହୀ କହିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶୁଭେନ୍ଦୁ ତ୍ରିପାଠୀ ତାଙ୍କ ପିତା ସ୍ୱର୍ଗତ ନୃସିଂହ ତ୍ରିପାଠୀଙ୍କ ସ୍ମୃତିରେ ବିଦ୍ୟାଳୟ ପ୍ରଥମକୁ ପୁରସ୍କୃତ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ବୈଜୟନ୍ତୀ ସାମନ୍ତରାୟ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍, ଉପଦେଷ୍ଟା ତଥା ପୂର୍ବତନ ସମ୍ପାଦକ ବିରଞ୍ଚି ନାରାୟଣ ମିଶ୍ର, ବିଦ୍ୱତ ପରିଷଦ ସଭାପତି ବାସୁଦେବ ପ୍ରହରାଜ, କୋଷାଧକ୍ଷ ଗୋବିନ୍ଦ ନାୟକ, ଶଙ୍କର ବେହେରା, ମୁକ୍ତିକାନ୍ତ ମହାନ୍ତି, ସଂଘ କାର୍ଯ୍ୟକର୍ତ୍ତା ନିରଞ୍ଜନ ମିଶ୍ର, ବରିଷ୍ଠ ଆଇନଜିବୀ ଅଜିତ କୁମାର ପଟ୍ଟନାୟକ ଓ ଆଦିତ୍ୟ ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ ।

### ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ପ୍ରସ୍ତୁତି ବୈଠକ

# ସବୁ ବିଭାଗର ଅଧିକାରୀ ଗୋଟିଏ ଟିମ୍ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ

ପାରଳାଖେମୁଣ୍ଡି, ୧୮ ।୬(ସମିସ): ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ନିମନ୍ତେ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପର୍ଯ୍ୟବେକ୍ଷକ ମେଘାନନ୍ଦ ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକ, ପାରଳାଖେମୁଣ୍ଡି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା, ଡିଏସପି ଆଲୋକ ରଞ୍ଜନ ରାୟ ଓ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜଗନ୍ନାଥ ପାଢ଼ୀ ଉପସ୍ଥିତ ଥିଲେ । ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଧନ ଜୀବନକୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା । ଗଜପତି



ଜିଲ୍ଲାକୁ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ଓ ପାରଳାଖେମୁଣ୍ଡି ପୌରପରିଷଦ ଓ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀ ମାନଙ୍କର କାର୍ଯ୍ୟଦକ୍ଷତା ଏବଂ କୁଶଳତାକୁ ସଠିକ ଭାବେ କାର୍ଯ୍ୟକ୍ଷମ କରାଇବା, ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ସମ୍ଭାବ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପୂର୍ବରୁ ଏହାର ମୁକାବିଲା କରିବା ପୂର୍ବରୁ ଏହାର ମୁକାବିଲା ପାଇଁ ବ୍ୟାପକ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଛି । ବିପର୍ଯ୍ୟୟ ସମୟରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଗୋଟିଏ ଟିମ୍ ହୋଇ କାର୍ଯ୍ୟ କରିବା ସହିତ ପ୍ରଭାବିତ ଜନସାଧରଣଙ୍କୁ ଖାଦ୍ୟ, ଔଷଧ, ପାନୀୟ ଜଳ, ଚୁଡ଼ା, ଗୁଡ଼ ମହଜୁଦ ରଖିବା ସହିତ ଦୁର୍ବଳ ସ୍ଥିତିରେ ଥିବା ନଦୀ ଓ କେନାଲ ବନ୍ଧ ନିର୍ମାଣ ଆଦି ଗୁରୁତ୍ୱ ଦେବା ସହିତ ବିପର୍ଯ୍ୟୟ ପରେ ଥଇଥାନ ପଦକ୍ଷେପକୁ ସଠିକ ଭାବରେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବିଶେଷ କରି ଜିଲ୍ଲାରେ ସାଧାରଣତଃ ସ୍ୱାସ୍ଥ୍ୟ, ପ୍ରାଣୀ ଚିକିତ୍ସା, ପାନୀୟ ଜଳ ପରିମଳ ବିଭାଗ, କୃଷି, ଯୋଗାଣ ବିଭାଗ ଓ ବିଦ୍ୟୁତ ବିଭାଗର ଅଧିକାରୀ ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା । ଏହା ସବୁ ବିଭାଗର ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକୋରୀ, ତହସିଲଦାର ଏବଂ ଅନ୍ୟ ପଦସ୍ଥ ଅଧିକାରୀ କିପରି ନିଜ ନିଜ ବିଭାଗ ଦ୍ୱାରା ଏହାକୁ ପରିଚାଳନା କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ପ୍ରଦୋଷ କୁମାର ଶତପଥୀ ପରିଚାଳନା କରିଥିବା ବେଳେ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ । ଏହି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଟେବୁଲ ଟପ ଏକ୍ସରସାଇଜ ବୈଠକରେ ଛତ୍ରପୁର ଓଡିଆରଏଏଫ୍ ଟିମ୍, ଜିଲ୍ଲା ଅଗ୍ନିଶମ ଟିମ୍ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ‘ରାମୋଜୀ ରାଓଙ୍କୁ ଭାରତ ରତ୍ନ ପ୍ରଦାନ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି’

**ବ୍ରହ୍ମପୁର, ୧୮ ।୬(ସମିସ):** ଦେଶର ମିଡିଆ ଟାଇକୁନ ଭାବରେ ପରିଚିତ ପଦ୍ମବିଭୂଷଣ ସ୍ୱର୍ଗତ ରାମୋଜୀ ରାଓଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରିବା ହେବ ତାଙ୍କପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ସିନେମା ଠାରୁ ଆରମ୍ଭ କରି ପର୍ଯ୍ୟଟନ, ଛାପା, ବୈଦ୍ୟୁତିକ ଓ ଡିଜିଟାଲ ଗଣମାଧ୍ୟମ ଭଳି ବିଭିନ୍ନ କ୍ଷେତ୍ରରେ ସଫଳ ଉଦ୍ୟୋଗ





ପ୍ରତିଷ୍ଠା କରି ସାରା ଦେଶରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ରାମୋଜୀ ରାଓଙ୍କ ଗତ ୮ ତାରିଖରେ ବିୟୋଗରେ ସମଗ୍ର ଦେଶରେ ଛୋକର ଛାୟା ଖେଳିଯାଇଛି। ଏହି ଅବସରରେ ବ୍ରହ୍ମପୁର ସହରରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଏହି ଦାବୀକୁ ଲିଖିତ ଭାବରେ ଦେଶର ମହାମାନ୍ୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ପ୍ରଦାନ କରାଯିବ ବୋଲି ଆନ୍ଧ୍ରା ଭାଷା ଭିବର୍ଦ୍ଧନୀ ସମାଜମ ପକ୍ଷରୁ ଏହାର ସଭାପତି ପି.ସତ୍ୟ ନାରାୟଣ ସୂଚନା ଦେଇଛନ୍ତି। ସଭାପତି ପି.ସତ୍ୟନାରାୟଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ବ୍ରହ୍ମପୁରର ବିଧାୟକ କେ. ଅନୀଲ କୁମାର ଯୋଗଦେଇ ନିଜର ବକ୍ତବ୍ୟରେ ବ୍ୟକ୍ତିଗତ ଭାବରେ ସେ ପାଠ ପଢ଼ିବା ସମୟରୁ ହିଁ ସ୍ୱର୍ଗତ ରାମୋଜୀ ରାଓଙ୍କୁ ଜାଣିଥିବା କହିଥିଲେ। ସାଧାରଣ ଜନତାଙ୍କୁ କିଭଳି ନିରବଚ୍ଛିନ୍ନ ଭାବେ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇବେ ତାହା ହିଁ ତାଙ୍କ ଜୀବନର ବ୍ରତ ଥିଲା। ଏଭଳି ବ୍ୟକ୍ତିତ୍ୱଙ୍କର ବିୟୋଗ କେବଳ ଆନ୍ଧ୍ରପ୍ରଦେଶ କାହିଁକି ସାରା ଦେଶ ପାଇଁ ଏକ ବିରାଟ କ୍ଷତି। ରାମୋଜୀ ରାଓଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଉଦ୍ୟୋଗ ସହିତ ବିଭିନ୍ନ ଅଞ୍ଚଳିକ ଭାଷାରେ ଇ ଟିଭି ଭଳି ପ୍ଲାଟଫର୍ମ ଏକଦା ଦେଶରେ ଯୁବ ପ୍ରତିଭା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲା ବୋଲି ବିଧାୟକ କେ.ଅନୀଲ କୁମାର ନିଜ ବକ୍ତବ୍ୟରେ କହିଥିଲେ। ଦେଶରେ ସର୍ବବୃହତ୍ତ ରାମୋଜୀ ଫିଲ୍ମ ସିଟି ଠାରୁ ଆରମ୍ଭ କରି ସିନେମା, ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ, ହୋଟେଲ ଭଳି ଅନେକ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗ ପ୍ରତିଷ୍ଠା କରି ଏକ ବିଶାଳ ଅନୁଷ୍ଠାନ ଗଢିବାର ସଫଳ ହୋଇଥିବା ରାମୋଜୀ ରାଓ ପୃଥିବୀରେ ତେଲୁଗୁ ଭାଷାଭାଷିଙ୍କ ପାଇଁ କାର୍ଯ୍ୟ କରିବାରେ ଅନ୍ୟତମ ବୋଲି ଏଠାରେ ଉପସ୍ଥିତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନିଜ ବକ୍ତବ୍ୟରେ କହି ସ୍ମୃତିଚାରଣ କରିଥିଲେ। ଏପରିକି ଇଟିଭି ଓ ଇନାଡୁ ଭଳି ଅନୁଷ୍ଠାନ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ବେଳେ ତାଙ୍କର ଅବର୍ତ୍ତମାନରେ ଆଜି ତାଙ୍କୁ ଦେଶ ଓ ଦେଶବାହାରେ ସମସ୍ତେ ଝୁରୁଛନ୍ତି। ସେହିପରି ଦକ୍ଷିଣ ଓଡ଼ିଶା ସମେତ ବ୍ରହ୍ମପୁର ସହରରେ ରହୁଥିବା ତେଲୁଗୁ ଭାଷାଭାଷି ଜନସାଧାରଣଙ୍କ ପାଇଁ କିଭଳି ଇନାଡୁ ଖବର କାଗଜ ପ୍ରାତଃ ସମୟରେ ପାଠକଙ୍କ ନିକଟରେ ପହଞ୍ଚିବ ତାହାକୁ ନେଇ ରାମୋଜୀ ରାଓଙ୍କ ବଳିଷ୍ଠ ଉଦ୍ୟମ ଚୀରସ୍ମରଣୀୟ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆନ୍ଧ୍ର ଭାଷାଭିବର୍ଦ୍ଧନୀ ସମାଜମର ସମ୍ପାଦକ ଭି. ରବିକୁମାର ଗୁପ୍ତା, ବରିଷ୍ଠ ସାମ୍ବାଦିକ ରବି ରଥ, ଦୈନିକ ଓଡ଼ିଆ ଖବରକାଗଜ ‘ସକାଳ’ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ଇଟିଭି ଭାରତର ପ୍ରତିନିଧି ସମୀର କୁମାର ଆଚାର୍ଯ୍ୟ, ଜାମୁଲା ସୁରେଶ, ବିଜେପି ନେତା ଟି.ଗୋପି, ଆନ୍ଧ୍ର ମହିଳା ସମାଜମ ବ୍ରହ୍ମପୁରର ସଭାନେତ୍ରୀ ମଣିଙ୍ଗି.କାମେଶ୍ୱରୀ, ପି. ଧର୍ମା ରାଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ସ୍ୱର୍ଗତ ରାମୋଜୀ ରାଓଙ୍କ କାର୍ଯ୍ୟାବଳୀକୁ ନେଇ ସ୍ମୃତିଚାରଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଇ. ଜୟନ୍ତୀ ରାଓ, ଏମ.ଭେଙ୍କେଟ ରାମଣା, ଟି. ୱାସୁଦେବ ରାଓ, ଏସ୍.ଶ୍ରୀନିବାସ ରାଓ, ଡାକ୍ତର ଜମୁଲା ନାରାୟଣ ରାଓ, ଜମୁଲା ଶୈଳଜା, ସି.ଏଚ୍. ଚକ୍ରଧର, ଏ .ଲକ୍ଷ୍ମୀ ନାରାୟଣ, ଭି. ଏସ୍. ଜାନକୀ, ଭି.ଭେଙ୍କେଟ ରାଓ, କେ.ସୁରେଶ କୁମାର, ବି.ବୀରବ୍ରହ୍ମ ଆଚାରୀ, ଆର୍.ଶଙ୍କର ରାଓ ଆଚାରୀ, ବି.ଏଚ୍. ବାଲକ୍ରିଷ୍ଣା ଶର୍ମା, କେ. କେଦାରନାଥ, ଏ. ଶିବପ୍ରସାଦ ରାଓ, ପୂର୍ବତନ କର୍ପୋରେଟର ବଦ୍ରି ନାରାୟଣ ନାୟକ, ଟି.ବାସୁଦେବ ରାଓ, ଗଣମାଧ୍ୟମ ବ୍ୟକ୍ତିବିଶେଷ ପ୍ରଦୀପ୍ତ ପରିଚ୍ଛା, ଆର୍ଶୀବାଦ ରାଉତ, ସ୍ୱାଧିନ କୁମାର ସାହୁ, ଏ.ନାଗରାଜୁ, ଶ୍ରୀନିବାସ ରାଜାନା, ରମେଶ ରାଜାନା, ଗୌରୀଶଙ୍କର ମିଶ୍ର, ଗୋପାଳ ରେଡ୍ଡୀ ଓ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଦଳୁନି ପାଣିପାଗର ଚିତ୍ର

# ଗୁଳୁଗୁଳି ଓ ଝାଞ୍ଜି ପବନରେ ଅତିଷ୍ଠ ସହରବାସୀ



- ଚିନ୍ତା ବଢ଼ାଇଛି ଆଷାଢ଼ ମାସର ଖରା
- ମଧ୍ୟାହ୍ନ ପୂର୍ବରୁ ଶୂନଶାନ ହୋଇଯାଉଛି ରାସ୍ତାଘାଟ
- ମୌସୁମୀ ନୁହେଁ, ଲଘୁଚାପଜନିତ ବର୍ଷା ଭରସା

**ବ୍ରହ୍ମପୁର, ୧୮ ।୬ (ସମିସ):** ଓଡ଼ିଶାକ ମୌସୁମୀ ଛୁଇଁସାରିଛି। ହେଲେ ଆଗକୁ ଅଗ୍ରସର ହେବାରେ ବିଳମ୍ବ ହେଉଛି। ଯାହାର ଫଳ ସ୍ୱରୁପ କାଁ ଭାଁ କିଛି ଜିଲ୍ଲାକୁ ଛାଡିଦେଲେ ସମଗ୍ର ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆଷାଢ ମାସରେ ଯେଉଁଠି ବର୍ଷା ହେବା କଥା ବର୍ତ୍ତମାନ ଜାରି ରହିଛି ପ୍ରଚଣ୍ଡ ରୌଦ୍ରତାପ। ଶୁଷ୍କବାୟୁ ପ୍ରବାହିତ ହେଉଥିବାରୁ ଗୁଳୁଗୁଳି ଅନୁଭୂତ ହେଉଛି। ଯାହା ଉଭୟ ପ୍ରାଣୀ ଓ ଜୀବଜଗତକୁ ଅତିଷ୍ଠ କରୁଛି। ଫଳରେ ଦିନ ସମୟରେ ଏପରିକି ପୂର୍ବାହ୍ନରେ ମଧ ଘରୁ ବାହାରିବା ସମ୍ଭବପର ହେଉନାହିଁ। ଏଭଳି ଆହୁରି ଦୁଇରୁ ୩ଦିନ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଥିବା ଜଣାପଡ଼ିଛି। ତେବେ ଗଞ୍ଜାମ ଜିଲ୍ଲାରେ ସବୁବେଳେ ମୌସୁମୀ ବର୍ଷାକୁ ନୁହେଁ ବରଂ ଲଘୁଚାପ ଜନିତ ବର୍ଷାକୁ ଲୋକେ ଅପେକ୍ଷା କରିଥାନ୍ତି। ଏଣୁ ଲଘୁଚାପ ଜନିତ ବର୍ଷା କେବେ ହେବ ତାକୁ ସମସ୍ତେ ଚାତକ ଭଳି ଚାହିଁ ରହିଛନ୍ତି। ସମ୍ପ୍ରତି ରାଜ୍ୟରେ ବିଭିନ୍ନ ସ୍ଥାନରେ ପାଣିପାଗରେ କୌଣସି ପରିବର୍ତ୍ତନ ହେବା ତ ଦୂରର କଥା ଦିନକୁ ଦିନ ଗୁଳୁଗୁଳି ଓ ଝାଞ୍ଜି ପବନ ବଢ଼ିବାରେ ଲାଗିଛି। ଯାହାଫଳରେ ସହରର ପ୍ରମୁଖ ତଥା ଜନଗହଳିପୂର୍ଣ୍ଣ ଅଞ୍ଚଳଗୁଡିକ ମଧ୍ୟାହ୍ନ ପୂର୍ବରୁ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ସରକାରଙ୍କ ପକ୍ଷରୁ ଶ୍ରମିକଙ୍କୁ ଦିନ ୧୧ଟା ପରଠାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟରେ ନିୟୋଜିତ ନହେବାକୁ ପରାମର୍ଶ ଦିଆଯାଇଛି। ଗ୍ରୀଷ୍ମଛୁଟି ଶେଷ ପରେ ୧୮ ତାରିଖରୁ ଖୋଲିବାକୁ ଥିବା ବିଦ୍ୟାଳୟଗୁଡିକର ଛୁଟି ଅବଧିକୁ ପୁନଃ ୩ଦିନ ପାଇଁ ବୃଦ୍ଧି କରାଯାଇଛି। ଏଭଳି ପରିସ୍ଥିତିରେ ଗଞ୍ଜାମ ଜିଲ୍ଲାବାସୀଙ୍କ ପାଇଁ ଆଶ୍ୱାସନା ଆଣିଦେଇଛି ପାଣିପାଗ ବିଶେଷଜ୍ଞଙ୍କ ପୂର୍ବାନୁମାନ। ପାଣିପାଗ ବିଶେଷଜ୍ଞ ପ୍ରଫେସର ଶରତ ସାହୁଙ୍କ ଆକଳନ ଅନୁଯାୟୀ ଆସନ୍ତା ୨୩ତାରିଖ ସୁଦ୍ଧା ସମଗ୍ର ରାଜ୍ୟକୁ ଛୁଇଁବ ମୌସୁମୀ। ପାଗ ଅନୁକୂଳ ଥିବାରୁ ମୌସୁମୀ ଅଗ୍ରସର ହେବାରେ ସହାୟକ ହେବ। ଏହାର ପ୍ରଭାବରେ ରାଜ୍ୟରେ ବଢ଼ିବ ବର୍ଷାର ପରିମାଣ। ବର୍ଷା ବଢ଼ିବା ସହିତ ତାପମାତ୍ରା ସ୍ୱାଭାବିକ ଠାରୁ ୩ରୁ୪ଡିଗ୍ରୀ ହ୍ରାସ ପାଇବ। ସେପଟେ ଆସନ୍ତା ୨୫ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବ ଘୂର୍ଣ୍ଣିବଳୟ। ଯାହାର ପ୍ରଭାବରେ ମଧ ଉପକୂଳ ଅଞ୍ଚଳରେ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ତେବେ ବର୍ଷା ହେଲେ ସୁଦ୍ଧା ଜୁନ୍ ଶେଷ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ଗୁଳୁଗୁଳିରୁ ଲୋକଙ୍କୁ ନିସ୍ତାର ମିଳିବ ନାହିଁ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ଶରତ ସାହୁ।

# ଗୋକୁଳଧାମରେ ରୁକ୍ମିଣୀ ବିବାହ ଉତ୍ସବ

**ବ୍ରହ୍ମପୁର, ୧୮ ।୬(ସମିସ)**

ସ୍ଥାନୀୟ ଗୋଷାଣିନୂଆଗାଁ ସ୍ଥିତ ଗୋକୁଳଧାମ ପରିସରରେ ରୁକ୍ମିଣୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଦିକ ରିତିରେ ପୂଜାର୍ଚ୍ଚନା ପରେ ଶ୍ରୀକୃଷ୍ଣଙ୍କ ବରଯାତ୍ରୀ ଦଳ ଅଞ୍ଚଳ ପରିକ୍ରମା କରିଥିଲେ। ବାଟବରଣ ପରେ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ହସ୍ତଗ୍ରନ୍ଥି ପଡ଼ିଥିଲା। କନ୍ୟାପକ୍ଷରୁ ପିତାମାତା ଭାବେ କେଦାରନାଥ ଚୌଧୁରୀ ଓ ରୁନୁ କୁମାରୀ ଚୌଧୁରୀ କନ୍ୟାଦାନ କରିଥିଲେ। ସେହିପରି ବର ପକ୍ଷରୁ ପିତାମାତା ଭାବେ ପ୍ରଫୁଲ୍ଲ ସାବତ ଓ ସୁଦେଷ୍ଣା ସାବତ ବେଦିରେ ଦେବବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ପରମ୍ପରା ଆଧାରରେ ଆକାଶ ଚୌଧୁରୀ ଶଳାବିଧା ମାରିଥିବା ବେଳେ ରିତାଞ୍ଜଳୀ ପାଣିଗ୍ରାହୀ ହସ୍ତଗ୍ରନ୍ଥି ଫିଟାଇ ଥିଲେ। ପୂଜାକାର୍ଯ୍ୟରେ ପ୍ରସନ୍ନ କୁମାର ରଥ, ପ୍ରଦୀପ କୁମାର ପାତ୍ର ଓ ଜଗନ୍ନାଥ ଦାଶ ପୁରୋହିତ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଜେଡ଼ି ନେତା ସୁବାଷ ମହାରଣା, ମନ୍ଦିର ପ୍ରତିଷ୍ଠାତା ଜଗନ୍ନାଥ ରାଉତ, ନମିତା ରାଉତ, ପ୍ରସନ୍ନ କୁମାର ନାୟକ, ଜୟକୃଷ୍ଣ ମିଶ୍ର, ବଟକୃଷ୍ଣ ଦଳେଇ, ସୁବାସ ପାତ୍ର, ବିରଜା ପାତ୍ର, ଗୌରୀ ପାତ୍ର, କାଶୀନାଥ ପାଣିଗ୍ରାହୀ, ଭଗବାନ ପଢ଼ିଆଳି ଓ ଗୋଦାବରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ଭକ୍ତ ସାମିଲ ହୋଇଥିଲେ।



# ଯୌତୁକ ନିର୍ଯାତନା ସହ ହତ୍ୟା ଉଦ୍ୟମ ଅଭିଯୋଗ, ଜଣେ ଗିରଫ

**ବ୍ରହ୍ମପୁର, ୧୮ ।୬(ସମିସ):** ଜନୈକ ମହିଳାଙ୍କୁ ଯୌତୁକ ନିର୍ଯ୍ୟାତନା ସହ ହତ୍ୟାଉଦ୍ୟମ ଅଭିଯୋଗରେ ମହିଳା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିଜିପୁର ଅମ୍ବିକାନଗର କେନାଲ ସାହିର ଅମିତ କୁମାର ପାତ୍ର(୩୫)। ସୂଚନାଯୋଗ୍ୟ ଯେ, ବୁରୁକୁଦିର ଶିଳ୍ପା ପାତ୍ର ବିଜିପୁର ଅମ୍ବିକା ନଗର କେନାଲ ସାହିର ଅମିତ କୁମାର ପାତ୍ରଙ୍କୁ କିଛି ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରେ ଶିଳ୍ପାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ଯୌତୁକ ନିର୍ଯ୍ୟାତନା ଦେଉଥିବା ନେଇ ସେ ୨୦୨୨ମସିହା ଅକ୍ଟୋବର ମାସରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ସେତେବେଳେ ଏକ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାଟି ବର୍ତ୍ତମାନ କୋର୍ଟରେ ବିଚାରାଧିନ ରହିଛି। ନିକଟରେ ଅମିତ କୁମାର ପାତ୍ର ନିଜ ପତ୍ନୀ ଶିଳ୍ପାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟାଉଦ୍ୟମ କରୁଥିବା ନେଇ ଗତ ୧୬ତାରିଖରେ ଶିଳ୍ପା ପୁଣି ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୟୁ/ଏସ ୪୯୮-ଏ/୨୯୪/୫୦୬/୫୦୭/୧୯୫(ଏ) ଆଇପିସିରେ ଏକ ମାମଲା ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ଅମିତକୁ କୋର୍ଟଚାଲାଣ କରିଥିବା ପୁଲିସ କହିଛି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୩ ଗିରଫ

**ବ୍ରହ୍ମପୁର, ୧୮ ।୬(ସମିସ)**

ଜଣେ ଯୁବକଙ୍କୁ ହକି ଷ୍ଟିକରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବଡବଜାର ଥାନା ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୩ଅଭିଯୁକ୍ତ ହେଲେ ଗଣପତିନଗର ତୃତୀୟ ଲାଇନର ଲାଲା ମହାନ୍ତି(୨୬), ଅଶ୍ୱିନୀ ପାତ୍ର(୧୯) ଓ ଗଙ୍ଗାଧର ପାତ୍ର(୨୮)। ସୂଚନାଯୋଗ୍ୟ ଯେ, ରବିବାର ରାତି ପ୍ରାୟ ୯ଟା ସମୟରେ ଆସିକା ରୋଡ ଗଣପତିନଗର ୫ମ ଗଳିରେ ଜୟ ଗୌଡ ନିଜର ଦୁଇ ବନ୍ଧୁ ବିକ୍ରମ ଗୌଡ ଓ ବାପୁନି ସାହୁଙ୍କ ସହ ଏକ ମଣ୍ଡପ ନିକଟରେ ବସିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଲାଲା ଓ ତାଙ୍କ ଭାଇ ଲିଲୁ ମଣ୍ଡପ ନିକଟରେ ପହଁଞ୍ଚି ଜୟଙ୍କୁ ଧମକ ଦେବା ସହ ଏକ ହକି ଷ୍ଟିକରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଆହତ ଜୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଚିକିତ୍ସା ପରେ ଜୟ ଗୌଡ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

# ୩ଟି ମୋବାଇଲ ଜବତ; ଦୁଇ ଗିରଫ

**ବ୍ରହ୍ମପୁର, ୧୮ ।୬(ସମିସ):** ବ୍ରହ୍ମପୁର ସରକାରୀ ରେଳବାଇ ଥାନା ପୁଲିସ(ଜିଆରପି) ୩ଟି ଚୋରି ମୋବାଇଲ ଜବତ କରିବା ସହ ଘଟଣାରେ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରସିଂ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନ(୩୨) ଓ ଦିନେଶ କୁମାର ମହତ(୨୨)। ସୂଚନାପ୍ରକାରେ, ସୋମବାର ବିଳମ୍ବିତ ରାତିରେ ଜିଆରପି ପୁଲିସ ଓ ଆରପିଏଫ ପୁଲିସ ପକ୍ଷରୁ ମିଳିତ ପାଟ୍ରୋଲିଂ ଜାରି ରହିଥିବା ବେଳେ ଏକ ଏକ୍ସପ୍ରେସ ଟ୍ରେନ ବ୍ରହ୍ମପୁର ରେଳଷ୍ଟେସନର ୪ନଂ ପ୍ଲାଟଫର୍ମରେ ଲାଗିଥିଲା। ସେହି ଟ୍ରେନରେ ଯାତ୍ରା କରୁଥିବା ୩ଯୁବକଙ୍କ ଗତିବିଧି ଉପରେ ସନ୍ଦେହ କରି ଉକ୍ତ ଟିମ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ପଚରାଉଚରା କରିବା ସହ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ତାଙ୍କ ନିକଟରୁ ୩ଟି ଦାମୀ ମୋବାଇଲ ବାହାରିଥିଲା। ଉଦ୍ଧାର ମୋବାଇଲଗୁଡ଼ିକ ସମ୍ପର୍କରେ ସେମାନେ କୌଣସି ସଠିକ ତଥ୍ୟ ଦେଇ ପାରିନଥିଲେ। ଫଳରେ ଉକ୍ତ ମୋବାଇଲଗୁଡ଼ିକ ଯାତ୍ରୀଙ୍କ ଠାରୁ ଚୋରି ହୋଇଥିବା ପୁଲିସ ଜାଣିପାରିଥିଲା। ସେଗୁଡିକୁ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲା।

## ନୂଆ ୩୩ କେଭି ଲାଇନ୍

# ବିଜୁଳି ଯୋଗାଣକୁ ସୁଦୃଢ଼ କଲା ଟିପିଏସ୍ଓଡିଏଲ୍



- ଗଞ୍ଜାମର ୩ଟି ବ୍ଲକର ୧୩ଟି ପଞ୍ଚାୟତରେ ଭରସାଯୋଗ୍ୟ ବିଜୁଳି ସେବା ସୁନିଶ୍ଚିତ
- ୧୬ ହଜାରରୁ ଅଧିକ ଉପଭୋକ୍ତା ଉପକୃତ

**ବ୍ରହ୍ମପୁର, ୧୮ ।୬(ସମିସ)**

ଭରସାଯୋଗ୍ୟ ତଥା ଗୁଣାତ୍ମକ ବିଜୁଳି ଯୋଗାଣ ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ଏକ ନୂଆ ୩୩କେଭି ଲାଇନ ସ୍ଥାପନ କରିଛି। ଗଞ୍ଜାମ ଜିଲ୍ଲା ଆସିକା ନୂଆ ଗ୍ରୀଡ୍ ସବଷ୍ଟେସନଠାରୁ ନୂଆଗାଁ ପ୍ରାଇମେରୀ ସବଷ୍ଟେସନ ପର୍ଯ୍ୟନ୍ତ ଏହି ନୂଆ ଲାଇନ ଟଣାଯାଇଛି। ଏହି ନୂତନ ଲାଇନରୁ ଗଞ୍ଜାମ ଜିଲ୍ଲା ଆସିକା, ଶେରଗଡ଼, ଓ ପୁରୁଷୋତ୍ତମପୁର ବ୍ଲକର ୧୩ଟି ଗ୍ରାମପଞ୍ଚାୟତର ୧୬ ହଜାରରୁ ଅଧିକ ଉପଭୋକ୍ତା ଉପକୃତ ହେଉଛନ୍ତି। ନୂଆଗାଁ ପ୍ରାଇମେରୀ ସବଷ୍ଟେସନକୁ ନୂଆ ଲାଇନ ଟଣା ଯିବା ପୂର୍ବରୁ ଆସିକା ପୁରୁଣା ଗ୍ରୀଡ୍ ଷ୍ଟେସନରୁ ବିଜୁଳି ସେବା ମିଳୁଥିଲା। ଏବେ ନୂଆ ଲାଇନ ଅପେକ୍ଷାକୃତ ଭାବେ ଅଧିକ ଭରସାଯୋଗ୍ୟ ବିଜୁଳି ସେବା ପ୍ରଦାନ କରୁଛି। ସେହି ଭିତରେ ଆସିକା ବ୍ଲକର ନୂଆଗାଁ, ବଡ଼ଖୋଲି, ପାଣ୍ଡିଆପଥର, ସିଧନଇ, ଖରିଆ, ବରଗାଁ, ଜୟପୁର, ହରିଡ଼ାପଦର, ବାବନପୁର, ଭେଟନଇ, ଅଲ୍ଲିପୁର, ଶେରଗଡ଼ ବ୍ଲକର ବ୍ରାହ୍ମଣଛାଇ, ପୁରୁଷୋତ୍ତମପୁର ବ୍ଲକର ଟଙ୍କଛାଇ ଗ୍ରାମପଞ୍ଚାୟତ ସାମିଲ ରହିଛି। ପାଖାପାଖି ୫.୫ କିଲୋମିଟର ପରିବ୍ୟାପ୍ତ ଏହି ନୂତନ ଲାଇନ ବର୍ଦ୍ଧିତ ବିଜୁଳି ଚାହିଦାକୁ ମେଣ୍ଟାଇବାରେ ସକ୍ଷମ। ଏହା ସହ ବିଜୁଳି ଯୋଗାଣର ସ୍ଥିରତାକୁ ମଧ ବୃଦ୍ଧି କରିବାରେ ସମର୍ଥ। ନୂଆ ଲାଇନ କାରଣରୁ ସମ୍ପୃକ୍ତ ଅଞ୍ଚଳରେ ଲାଗି ରହିଥିବା ଲୋ-ଭୋଲଟେଜ୍ ସମସ୍ୟା ଓ ବିଦ୍ୟୁତ ବାଧାପ୍ରାପ୍ତଜନିତ ସମସ୍ୟା ମଧ ଦୂର ହୋଇପାରିଛି। ସେହିଭଳି ଆସିକା ପୁରୁଣା ଗ୍ରୀଡ୍ ସବଷ୍ଟେସନରେ କୌଣସି ସମସ୍ୟା ଦେଖାଦେଲେ ଆଗଭଳି ବିଜୁଳି ପ୍ରବାହ ପ୍ରଭାବିତ ହେବ ନାହିଁ। ଉପଭୋକ୍ତାମାନେ ନୂତନ ଗ୍ରୀଡରୁ ଟଣାଯାଇଥିବା ୩୩କେଭି ଲାଇନ ଯୋଗେ ନିରବଚ୍ଛିନ୍ନ ବିଜୁଳି ସେବା ପାଇପାରିବେ। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ‘ଉପଭୋକ୍ତାଙ୍କୁ ବିଶ୍ୱାସନୀୟ ଓ ଉଚ୍ଚ ମାନର ବିଜୁଳି ସେବା ଯୋଗାଇ ଦେବା ଆମର ସର୍ବୋଚ୍ଚ ପ୍ରାଥମିକତା। ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ୩୩ କେଭି ଲାଇନ୍ ଏହି ଲକ୍ଷ୍ୟ ହାସଲ ଦିଗରେ ଏକ ବଡ଼ ପଦକ୍ଷେପ। ବର୍ଦ୍ଧିତ ଶକ୍ତି ଚାହିଦାକୁ ମେଣ୍ଟାଇବା ସହ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କମ୍ପାନୀ ନିଜର କ୍ରମାଗତ ପ୍ରୟାସ ଜାରି ରଖିଛି। ଏହି ଭିତ୍ତିଭୂମି ବିକାଶ ଟିପିଏସ୍ଓଡିଏଲର ବର୍ଦ୍ଧିତ ଶକ୍ତି ଚାହିଦାର ସମାଧାନ କ୍ଷେତ୍ରରେ ଥିବା ସମର୍ପଣ ଏବଂ ଭିତ୍ତିଭୂମିର ଉନ୍ନତି ପାଇଁ ଜାରି ରହିଥିବା ପ୍ରତିବଦ୍ଧତାକୁ ସୂଚାଉଛି।

# ଦୁଇ ଯୁବକଙ୍କୁ ଛୁରାମାଡ଼ ଘଟଣା; ଜଣେ ଗିରଫ

**ବ୍ରହ୍ମପୁର, ୧୮ ।୬(ସମିସ):** ଦୁଇ ଯୁବକଙ୍କୁ ଛୁରୀରେ ଆକ୍ରମଣ କରିଥିବା ଅଭିଯୋଗରେ ଗୋପାଳପୁର ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପାର୍ବତୀପୁର ଗ୍ରାମର ଅଜୟ ଦାସ(୨୬)। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଅଜୟ କୌଣସି କାମରେ ସ୍ଥାନୀୟ ପଥରା ଗ୍ରାମକୁ ଯାଇଥିଲେ। ଦ୍ରୁତଗତିରେ ବାଇକ ଚଲାଇ ଅଜୟ ଯାଉଥିବା ଦେଖି ଫେରିବା ବେଳେ ପଥରା ଗ୍ରାମର ପ୍ରଦୀପ ଦାସ ଓ ଅନୀଲ ଦାସ ଅଜୟଙ୍କୁ ଅଟକାଇ ସାହି ଭିତରେ ଦ୍ରୁତଗତିରେ ଗାଡି ଚଲାଇବାକୁ ନେଇ ଆପତ୍ତି କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଅଜୟ ନିଜ ପାଖରେ ଥିବା ଏକ ଛୁରୀରେ ପ୍ରଦୀପଙ୍କ ପିଠି ଓ ଅନୀଲଙ୍କ ଛାତିକୁ ଆକ୍ରମଣ କରିଥିଲା। ଏଥିରେ ଉଭୟେ ଆହତ ହୋଇ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଆକ୍ରମଣ ଘଟଣାକୁ ନେଇ ପ୍ରଦୀପଙ୍କ ମାଆ ମଞ୍ଜୁ ଦାସ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ପାର୍ବତୀପୁର ଗ୍ରାମରୁ ଅଜୟଙ୍କୁ କାବୁ କରିବା ସହ ଆକ୍ରମଣ କରିଥିବା ଛୁରୀ ଓ ବାଇକ ଜବତ କରି ମଙ୍ଗଳବାର କୋର୍ଟଚାଲାଣ କରିଥିବା ପୁଲିସ କହିଛି।

### ମୌଳିକ ସୁବିଧାରୁ ବଞ୍ଚିତ ବାରୁସିଂ ଗ୍ରାମବାସୀ

# ରାସ୍ତା ଓ ପାନୀୟ ଜଳ ପାଇଁ ସଂଘର୍ଷ

ଗୁମ୍ମା, ୧୮ ।୬(ସମିସ)





ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ବ୍ଲକ ଭାବେ ପରିଚିତ। ଆଦିବାସୀଙ୍କ ଉନ୍ନୟନ ପାଇଁ ଆଦିବାସୀ ଉନ୍ନୟନ ପ୍ରକଳ୍ପ ବିଭାଗ ଡ଼ିଆରଡ଼ିଏ ଜିଲ୍ଲାର ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟରତ। ଏହାଛଡ଼ା ବିଭିନ୍ନ ସରକାରୀ ବିଭାଗ ମଧ୍ୟ କାମ କରୁଥିବା ବେଳେ ବାରୁସିଂ

**● ୫ କିମି ଦୂରରେ ଥିବା କୂଅ ଓ ଝରଣା ସାହା**

ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ମୁଖ୍ୟତଃ ଯାତାୟତ ପାଇଁ ରାସ୍ତା ଏବଂ ପାନୀୟ ଜଳ ଗ୍ରାମବାସୀଙ୍କ ପାଇଁ ସାତ ସପନ ହୋଇ ରହିଛି। ଗୁମ୍ମା ବ୍ଲକ ଅନ୍ତର୍ଗତ ବୃଷଭ ପଞ୍ଚାୟତ ବାରୁସିଂ ଗ୍ରାମରେ ୪୫ ରୁ ୫୦ ଆଦିବାସୀ ପରିବାର ବସବାସ କରୁଛନ୍ତି। ସେଠାକାର ଲୋକ ସଂଖ୍ୟା ହେଲା ୧୮୦ ପାଖାପାଖି। ଆଦିବାସୀଙ୍କ ବିକାଶ ପାଇଁ ଏତେ ସବୁ ପଦକ୍ଷେପ ନିଆଯିବା ସତ୍ତ୍ୱେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି ବାରୁସିଂ ଗ୍ରାମବାସୀ। ଗ୍ରାମର ଲୋକ ସଂଖ୍ୟା ୧୮୦ ହୋଇଥିଲେ ମଧ୍ୟ ସରକାରଙ୍କ ନିୟମ ଅନୁଯାୟୀ ୧୫୦ରୁ ଊର୍ଦ୍ଧ୍ୱ ପରିବାର ନ ଥିବା ଦର୍ଶାଇ ଏହି ଗ୍ରାମକୁ ପକ୍କା ରାସ୍ତା ହୋଇପାରୁ ନ ଥିବା ଜଣାପଡ଼ିଛି। ଏହି ଅଞ୍ଚଳଟି ଜଙ୍ଗଲ ଘେରା ବନ୍ୟଜନ୍ତୁ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ସନ୍ଧ୍ୟା ହେଲେ ଗାଁ ନିକଟକୁ ଜଙ୍ଗଲୀ ଜୀବଜନ୍ତୁ ଚାଲିଆସନ୍ତି। ଏଥିସହ ଗାଁର ପାଠ ପଢୁଥିବା ଛାତ୍ରଛାତ୍ରୀ ବର୍ଷା ଦିନରେ ଯିବାଆସିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଠାରୁ ବିଶେଷ ଦୂରରେ ନ ଥିବା ଏହି ଗ୍ରାମବାସୀ ଏ ବାବଦରେ ପ୍ରଶାସନ ଓ ରାଜନେତାଙ୍କୁ ଜଣାଇ ଥକି ପଡ଼ିଥିଲେ ମଧ୍ୟ ସେମାନଙ୍କ ପାଇଁ ରାସ୍ତା ନିର୍ମାଣ ହୋଇପାରୁନି। ଏତିକିରେ ସରି ନାହିଁ ଗ୍ରାମବାସୀଙ୍କ ଦୁଃଖ। ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ। ଏହି ଗାଁରେ ଗୋଟିଏ ବି ନଳକୂପ ଖନନ କରାଯାଇ ନାହିଁ। ୫କିମି ଦୂରରେ ପାହାଡ଼ ତଳେ ଗୋଟିଏ କୂଅ ଓ ୨୦ ଫୁଟ ଗଭୀର ତଳେ ଦୁଇ ପଥର ମଧ୍ୟରେ ଝରଣା ପାଣି ଉପରେ ଏହି ଗାଁ ଲୋକେ ନିର୍ଭରଶୀଳ। ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ବିଡ଼ିଓ ଆକାଶ କୁମାର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## କଳିଙ୍ଗା ଘାଟିରେ ୧୪ ଚକିଆ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**■ ଅଳ୍ପକେ ବର୍ତ୍ତିଲେ ଚାଳକ ଓ ହେଲପର**



**ଜି.ଉଦୟଗିରି୧୮।୬(ସମିସ):** ସୋମବାର ବିଳମ୍ବିତ ରାତିରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ଘାଟିରେ ଏକ ହଳଦୀ ବୋଝେଇ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ୧୪ ଚକିଆ ଏହି ଟ୍ରକ କଳିଙ୍ଗାରୁ ହଳଦୀ ଲୋଡ଼ କରି ବାଂଲାଦେଶ ଅଭିମୁଖେ ଯାଉଥିଲା। ବିଳମ୍ବିତ ରାତିରେ ଟ୍ରକର ବ୍ରେକ ଫେଲ ହୋଇ ଘାଟିର ଅଙ୍କା ବଙ୍କା ରାସ୍ତାରେ ଭାରସାମ୍ୟ ହରେଇ ବସିଥିଲା। କିନ୍ତୁ ଡ୍ରାଇଭର ତାପସ ଦାଶ (୪୨) ଏବଂ ହେଲପର ଅର୍ଜୁନ ପରାମଲିକ(୪୮) ଉପସ୍ଥିତ ବୁଦ୍ଧି ଖଟେଇ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଏଥିଯୋଗୁଁ ସେମାନେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଟ୍ରକ ଭାରସାମ୍ୟ ହରେଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା।

## ଶେଷ ପର୍ଯ୍ୟାୟରେ ଯାତ୍ରୀ ବିଶ୍ରାମାଗାର କାମ



**ଜି.ଉଦୟଗିରି, ୧୮ ।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବହୁ ପୁରାତନ ସହର ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏକ ଯାତ୍ରୀ ବିଶ୍ରାମାଗାର ନଥିବା କାରଣରୁ ଯାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖରା, ବର୍ଷା, ଶୀତରୁ ରକ୍ଷା ପାଇବା ପାଇଁ ଏଣେ ତେଣେ କାହା ଦୋକାନ ପିଣ୍ଡାରେ ବସକୁ ଅପେକ୍ଷା କରି ବସୁଥିଲେ। ଏଥିପାଇଁ ଏନଏସି ବହୁ ସମାଲୋଚିତ ହୋଇଥିବା ବେଳେ ଜି. ଉଦୟଗିରି ତହସିଲ କାର୍ଯ୍ୟାଳୟ ନିକଟରେ ଯାତ୍ରୀ ବିଶ୍ରାମାଗାର କାମ ଆରମ୍ଭ ହୋଇଥିଲା। କିନ୍ତୁ ତାହା ମଧ୍ୟ ଦୀର୍ଘ ଦିନ ହେଲା କାମ ବନ୍ଦ ହୋଇ ପଡ଼ି ରହିବା ଫଳରେ ପରିଶ୍ରାଗାର ପାଲଟି ଥିଲା। ଏବେ ସେ ସମସ୍ୟା ଦୂର ହେବାକୁ ଯାଉଛି। କାରଣ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାମଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ଜି.ଉଦୟଗିରି ସହରର ପ୍ରଥମ ଯାତ୍ରୀ ବିଶ୍ରାମାଗାର ହେବ। ସହରରେ ଏମିତି ବିଭିନ୍ନ ସ୍ଥାନରେ ବନ୍ଧଛକ, ଶ୍ରୀରାମପଦା, ପଦାସାହିରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯିବାକୁ ଦାବି ହେଉଛି।

## ସ୍ୱାମୀଙ୍କ ମୃତ୍ୟୁର ୨ ବର୍ଷ ପରେ ବି ମିଳିଲାନି ବିଧବା ଭତ୍ତା

**ଫିରିଙ୍ଗିଆ, ୧୮।୬ (ସମିସ):** ସରକାର ମଧୁବାବୁ ପେନସନ ଯୋଜନାରେ ଉଭୟ ବୃଦ୍ଧବୃଦ୍ଧା ଓ ବିଧବାଙ୍କୁ ମାସକୁ ମାସ ଭତ୍ତା ଦେଉଛନ୍ତି। ଗରିବ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଯୋଜନା ଫଳପ୍ରଦ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ବ୍ଲକର ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ରହିଥିବା ନଜର ଆସୁଛି। ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଟେଲାପାଲି ଗ୍ରାମର ରଞ୍ଜିତା ଭୁକ୍ତାଙ୍କ ସ୍ୱାମୀ ହରିଚନ୍ଦ୍ର ଭୁକ୍ତାଙ୍କ ମୃତ୍ୟୁର ଦୁଇ ବର୍ଷରୁ ଅଧିକ ହୋଇଥିଲେ ମଧ୍ୟ ବିଧବା ଭତ୍ତା ମିଳିପାରୁନି। ଭତ୍ତା ପାଇଁ ସେ ପଞ୍ଚାୟତ, ବ୍ଲକ ଏପରିକି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ହେଲେ କିଛି ସୁଫଳ ମିଳିନାହିଁ। ଦୁଇ ପୁଅ ଓ ଦୁଇ ଝିଅ ମଧ୍ୟରେ ବଡ ଝିଅ ସଙ୍ଗୀତା ଭୁକ୍ତାଙ୍କ ବିବାହ ହୋଇସାରିଛି। ପୁଅ କୁନା ଭୁକ୍ତା (୨୦) ଶ୍ରମିକ ଭାବେ କାମ କରୁଛନ୍ତି। ସାନ ଝିଅ ମିତା ଭୁକ୍ତା (୧୬) ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସାନ ପୁଅ ଗଣେଶ ଭୁକ୍ତା (୧୩) ନବମ ଶ୍ରେଣୀରେ ପାଠ ପଢୁଛି। ରଞ୍ଜିତା ନିଜ ତିନି ପୁଅ ଝିଅକୁ ସାଙ୍ଗରେ ଧରି ବଡ଼ ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ପରଘରେ ମୂଲଲାଗି ତିନି ଜଣଙ୍କ ପାଇଁ ଦାନା ଯୋଗାଉଛନ୍ତି ରଞ୍ଜିତା। ଦିନକୁ ଦିନ ଦେହରୁ ବଳ ମଧ୍ୟ କ୍ଷୀଣ ହେବାକୁ ଲାଗିଲାଣି। ତେଣୁ ପରିବାର ଚଳାଇବା ପାଇଁ କଷ୍ଟକର ହେଉଥିବା ସେ କହିଛନନ୍ତି। ଏ ବିଷୟରେ ଡିଣ୍ଡିରା ଗାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରି ଝୁଲି ଲତା ସାହୁଙ୍କୁ ଯୋଗାଯୋଗ କରିଥିଲୁ। ସେ କହିଲେ ଅନଲାଇନ୍ ଭତ୍ତା ଆବେଦନ ଫର୍ମ ଅଗ୍ରାହ୍ୟ ହେଇଛି। ଆଉ ଥରେ ଆବେଦନ କଲେ ହେଇଯିବ। ଫିରିଙ୍ଗିଆ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ସେଠୀଙ୍କୁ ଫୋନରେ ଯୋଗାଯୋଗ ସମ୍ଭବ ହୋଇନାହିଁ। ପ୍ରଶାସନ ତୁରନ୍ତ ବିଧବା ରଞ୍ଜିତାଙ୍କୁ ଭତ୍ତା ଯୋଗେଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଜି.ଉଦୟଗିରିରେ ଆର୍ଟ ଅଫ୍ ଗିଭିଂ ଦିବସ



**ଜି.ଉଦୟଗିରି, ୧୮।୬(ସମିସ):** ଆର୍ଟ ଅଫ ଗିଭିଙ୍ଗ ଭଳି ଏକ ମହାନ କାର୍ଯ୍ୟକ୍ରମ ଗତ ୨୦୧୩ ମସିହାରୁ କିସ ଓ କିଟ ଏବଂ କଳିଙ୍ଗ ଟିଭିର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଆରମ୍ଭ କରିଥିବା ବେଳେ ଏବେ ଏହା ପୃଥିବୀର କୋଣ ଅନୁକୋଣରେ ପାଳିତ ହେଉଛି। ଆର୍ଟ ଅଫ ଗିଭିଙ୍ଗର ଜି.ଉଦୟଗିରି ସଂଯୋଜକ ପ୍ରତାପ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦିବସରେ ମୁଖ୍ୟଅତିଥି ଭାବେ ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥ. ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ କୁମାର ବିସି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମାଜିରା ପ୍ରଧାନ, ମୁଖ୍ୟବକ୍ତା ଭାବେ କଳିଙ୍ଗ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ.ନଳୀନ କୁମାର ପାଣିଗ୍ରାହୀ, ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଦେବାର ବିଭିନ୍ନ ଦିଗ ରହିଛି। ତାହା ଆର୍ଥିକ ହେଉ, ଶାରୀରିକ ହେଉ, ଅଥବା ସ୍ୱାବଲମ୍ବୀ କରାଇବା ରହିଛି। ଦୈନନ୍ଦିନ ଜୀବନରେ କାହାର କେତେବେଳେ କେଉଁଠି କି ପ୍ରକାରର ସାହାଯ୍ୟ ଦରକାର ତାହା କେବେ କେହି ଜାଣି ନ ଥାନ୍ତି। ତେଣୁ ସେହି ସମୟରେ ଆମେ ଆମର ସମ୍ବଳ ଅନୁଯାୟୀ ସାହାଯ୍ୟ କରିପାରିଲେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ କିଛି ଛୋଟ ପିଲାଙ୍କୁ ଖାତା, ପେନ, ପେନସିଲ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷରେ ବ୍ଲକର କିସ ସଂଯୋଜିକା ରାଜବାଳା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦୁଃଖ ଜଣାଇଲେ କଳିଙ୍ଗା ଅଞ୍ଚଳବାସୀ

**ଜି.ଉଦୟଗିରି, ୧୮।୬(ସମିସ):** କଳିଙ୍ଗା ପଞ୍ଚାୟତ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକର ସବୁଠାରୁ ବଡ଼ ପଞ୍ଚାୟତ। ଏହି ପଞ୍ଚାୟତରେ ୧୨, ୦୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ୨୦ ୱାର୍ଡକୁ ନେଇ କଳିଙ୍ଗା ପଞ୍ଚାୟତ ଗଠିତ। ଏହାସହ ଏଠାରେ ସରକାରୀ ବିଏଡ କଲେଜ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର, ଆଶ୍ରମ ସ୍କୁଲ, ଉଦ୍ୟାନ ପ୍ରଶିକ୍ଷଣ କେନ୍ଦ୍ର ଭଳି ଅନୁଷ୍ଠାନ ରହିଛି। ଏହି ସବୁ ଶିକ୍ଷାନୁଷ୍ଠାନରେ ହଷ୍ଟେଲ ସୁବିଧା ରହିଥିବାରୁ ଶତାଧିକ ଛାତ୍ରାଛତ୍ରୀ ବାହାର ଅଞ୍ଚଳରୁ ଆସି ଏଠାରେ ରହି ପାଠ ପଢୁଛନ୍ତି। ଏହା ସତ୍ତ୍ୱେ ଅଞ୍ଚଳବାସୀ ଅନେକ ମୌଳିକ ସମସ୍ୟା ଦେଇ ଗତିକରୁଛନ୍ତି। ବାରମ୍ବାର ସ୍ଥାନୀୟ ଜନ ପ୍ରତିନିଧି ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନଙ୍କ ପର୍ଯ୍ୟନ୍ତ ନିଜର ଅଧିକାର ନିମନ୍ତେ ଅବଗତ କରାଇଥିଲେ ମଧ୍ୟ ସମସ୍ତେ ଜାଣିଶୁଣି କେବଳ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଆଜି ମଧ୍ୟ ଏହି ଅଞ୍ଚଳବାସୀ ଗମନାଗମନ, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ଅନେକ କ୍ଷେତ୍ରରେ ପଛରେ ରହିଛନ୍ତି। ବିଭିନ୍ନ ଗ୍ରାମରେ ଲାଗି ରହିଥିବା ପାନୀୟ ଜଳ, ରାସ୍ତାଘାଟ, ସ୍ୱାସ୍ଥ୍ୟ, ସହିତ କଳିଙ୍ଗା ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିଲେ ମଧ୍ୟ ଏହାର ବିକାଶ ହୋଇନପାରିବା ଫଳରେ ଜନସାଧାରଣଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇ ପାରୁନଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମବାସୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଲେଖି ଜଣାଇଛନ୍ତି।

## ମହିଳା ଜୀବିକା ସୁରକ୍ଷା ମଞ୍ଚର ସ୍କୁଲ ଫେର ଅଭିଯାନ



**ଜି.ଉଦୟଗିରି, ୧୮।୬(ସମିସ):** କନ୍ଧମାଳ ଜିଲ୍ଲାର ସ୍ଥାନୀୟ ଲୋକ ସଂଗଠନ ମହିଳା ଜୀବିକା ସୁରକ୍ଷା ମଞ୍ଚ ଜି.ଉଦୟଗିରି ବ୍ଲକ ସଂଯୋଜିକା ସସ୍ମିତା ମଲିକ ଏବଂ ଗୌରୀ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ବ୍ଲକରେ ମଙ୍ଗଳବାର ସ୍କୁଲ ଫେର ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ପଞ୍ଚାୟତ ଓ ବିଭିନ୍ନ ଗ୍ରାମରେ ଛାତ୍ରଛାତ୍ରୀ ଅଭିବାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପିଲାମାନେ ଗତ ଏପ୍ରିଲ ୨୫ ତାରିଖ ଠାରୁ ଗ୍ରୀଷ୍ମ ଛୁଟି ପାଇଁ ଗାଁରେ ରହିଲେ। ବିଦ୍ୟାଳୟ ଏବଂ ଦୈନନ୍ଦିନ ପାଠପଢ଼ା ଠାରୁ ମଧ୍ୟ ଦୂରେଇ ଯାଇଛନ୍ତି। ପିଲାମାନେ ବିଭିନ୍ନ ଖେଳକୁଦ, ନାଚଗୀତ ଓ ସାଙ୍ଗସାଥୀ ମେଳରେ ମସଗୁଲ ହୋଇଛନ୍ତି। ବର୍ତ୍ତମାନ ସ୍କୁଲ ଖୋଲିବା କଥା ଜାଣିଲେ ପିଲାମାନେ କିପରି ଆଗ୍ରହ ପ୍ରକାଶ କରିବେ ଏବଂ ପୂର୍ବ ପରି ନିୟମିତ ବିଦ୍ୟାଳୟକୁ କିପରି ଯିବେ ସେ ନେଇ ଗାଁ ଗାଁ ବୁଲି ବୁଲି ସମସ୍ତ ପିଲାଙ୍କୁ ସଚେତନ ଏହି ଅଭିଯାନର ଉଦ୍ଦେଶ୍ୟ ରହିଛି। ଶିକ୍ଷାର ଗୁରୁତ୍ୱତା ବୁଝିବେ ଏବଂ ପାଠପଢ଼ି କିପରି ଆଗକୁ ବଢ଼ିବେ, ଦେଶର ଓ ଜାତିର ଗୌରବ ରଖିବେ ଏବଂ ଜଣେ ଜଣେ ଭଲ ମଣିଷ ହେବେ ସେନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା କୁହାଯାଇଛି। ସଂଗଠନର ଏପରି ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।

**■ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ**

## ମୁକାବିଲା ପାଇଁ ସଜାଗ ରହିବାକୁ ପରାମର୍ଶ



**କାଶୀନଗର, ୧୮।୬(ସମିସ):** ଗଜପତି ଜିଲ୍ଲା କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ରବିବାର ସନ୍ଧ୍ୟାରେ ବିଡ଼ିଓ ଡ଼ମ୍ବୁରଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଉପ ଜିଲ୍ଲାପାଳ ଅନୁପ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାୟମ୍ମା, ସିଡ଼ିପିଓ କନକଲତା ପୂଜାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୌମ୍ୟ ଦାସ ଓ ବ୍ଲକ ନିର୍ବାହୀଯନ୍ତ୍ରୀ ନରେନ୍ଦ୍ର ପାଢ଼ୀ ମଞ୍ଚାସୀନ ଥିଲେ। ଉକ୍ତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣ ଧନଜୀବନକୁ କିପରି ରକ୍ଷା କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମ୍ଭାବ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପୂର୍ବରୁ ଏହାର ମୁକାବିଲା ପାଇଁ ବ୍ୟାପକ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ବିପର୍ଯ୍ୟୟ ସମୟରେ ପ୍ରଭାବିତ ଜନସାଧାରଣଙ୍କୁ ଖାଦ୍ୟ, ଔଷଧ, ପାନୀୟ ଜଳ, ଚୁଡ଼ା, ଗୁଡ ମହଜୁଦ ରଖିବା ସହ ବିପର୍ଯ୍ୟୟ ପରେ ଥଇଥାନ ପଦକ୍ଷେପ ସଠିକ୍ ଭାବରେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ପ୍ରାଣୀ ଚିକିତ୍ସା, ପାନୀୟ ଜଳ, ପରିମଳ, କୃଷି ଯୋଗାଣ, ବିଦ୍ୟୁତ୍ ବିଭାଗର ଅଧିକାରୀ, ପୁଲିସ ବିଭାଗ ଓ ଅଗ୍ନିଶମ ବିଭାଗ ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ବୁଧବାର ଦିନ ଅଗ୍ନିଶମ ବିଭାଗ ଦ୍ୱାରା କାଶୀନଗର ବ୍ଲକର ଖାଣ୍ଡବା, ଭୂପତି ଲକ୍ଷ୍ମୀପୁର ଓ ପାର୍ତ୍ତଡ଼ାରେ ଥିବା ବହୁମୁଖି ବନ୍ୟା ଆଶ୍ରୟସ୍ଥଳୀ ନିକଟରେ ବନ୍ୟା/ବାତ୍ୟା ପାଇଁ ସାମୂହିକ ଅଭ୍ୟାସ କରାଯିବ। ଉକ୍ତ

**● ବନ୍ୟା-ବାତ୍ୟା ପାଇଁ ହେବ ସାମୂହିକ ଅଭ୍ୟାସ**

ଅଭ୍ୟାସ କାଶୀନଗର ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ କେ.ଦଣ୍ଡବାବୁଙ୍କ ଅଧ୍ୟକ୍ଷତାରେ ଖାଣ୍ଡବା ପଞ୍ଚାୟତରେ କରାଯିବ। ସେହିପରି ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗରୁ ଅନ୍ୟ ଦୁଇ ସ୍ଥାନ ଲକ୍ଷ୍ମୀପୁର ଓ ପାର୍ତ୍ତଡ଼ାରେ କରାଯିବ ବୋଲି ଉକ୍ତ କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ସାମୂହିକ ଅଭ୍ୟାସର ପ୍ରଦର୍ଶନ ବେଳେ ଖାଣ୍ଡବା, ଗୋରିବାନ୍ଧା ଓ ପାର୍ତ୍ତାଡ଼ା ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ରହିବେ ଓ ସେଚ୍ଛାସେବୀ ସହଯୋଗ କରିବେ। ଉକ୍ତ ବୈଠକରେ କେବଳ ଗୋରିବନ୍ଧା ସରପଞ୍ଚ ଓ ଖାଣ୍ଡବା ପଞ୍ଚାୟତ ସମିତିସଭ୍ୟ ହିଁ ଉପସ୍ଥିତ ରହିଥିଲେ। ଅନ୍ୟ ସମସ୍ତ ପଞ୍ଚାୟତର କେହି ବି ସରପଞ୍ଚ, ସମିତି ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା।

# ପେନ୍‌ସନ୍ ପାଇଁ ବୃଦ୍ଧବୃଦ୍ଧା ହନ୍ତସନ୍ତ

କାଶୀନଗର, ୧୮।୬(ସମିସ)



ଗଜପତି ଜିଲ୍ଲାରେ ଏକ ମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର ହୋଇଥିବା ବେଳେ ଏଥିରେ ୧୩ଟି ୱାର୍ଡ ରହିଛି। ୧୩ ୱାର୍ଡରେ ବସବାସ କରୁଥିବା ପେନସନ ହିତାଧିକାରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହେଇଛି। ମଙ୍ଗଳବାର ଦିନ ମାସିକ ପେନସନ ପାଇଁ ହିତାଧିକାରୀ ବିଜୁ କଲ୍ୟାଣ ମଣ୍ଡପରେ ଖରାରେ ଛିଡ଼ା ହେଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ପାଇଁ ସାଧାରଣତଃ ପିଇବା ପାଣିର ବ୍ୟବସ୍ଥା ମଧ୍ୟ ହୋଇ ନ ଥିଲା। ରାସ୍ତାରେ ଯିବା ଲୋକଙ୍କୁ ପେନସନ ଓ ଭତ୍ତା ପାଇଁ ଆସିଥିବା ବୃଦ୍ଧବୃଦ୍ଧା ପାଣି ମାଗିବା ଦୃଶ୍ୟ ଭାରି ବିକଳଦୟକ ଥିଲା। ଏନେଇ କାଶୀନଗର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିଲେ, ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଉକ୍ତ ଘଟଣା ବିଷୟରେ ଅବଗତ କରି ତାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପାଣିର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏହାପୂର୍ବରୁ ଉକ୍ତ ଘଟଣାକୁ ନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବି ଏନଏସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନଏସି କର୍ମଚାରୀ ବା ଅଧିକାରୀ ଏସି ଓ ପଙ୍ଖା ତଳେ ରହିବା ଦ୍ୱାରା ବାହାରେ ଛିଡ଼ା ହୋଇ ଭତ୍ତା ନେଉଥିବା ବୃଦ୍ଧଙ୍କ ହଇରାଣ ହରକତ ବିଷୟରେ ଜାଣି ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ସରକାର ଜନସାଧାରଣଙ୍କ ସୁବିଧା ସହଯୋଗ ପାଇ ସରକାରୀ କାର୍ଯ୍ୟାଳୟ ରହିଥିବା ବେଳେ କିନ୍ତୁ ଏଥିରେ କାର୍ଯ୍ୟରତ କର୍ମଚାରୀ ବା ଅଧିକାରୀ ନିଜ ସୁବିଧା ପାଇ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ୱାର୍ଡର ସତନ୍ତ୍ର ଭାବେ ଜନସାଧାରଣଙ୍କୁ ସରକାରୀ ଯୋଜନା ଓ ମୌଳିକ ସୁବିଧାର ତଦାରଖ ପାଇଁ ୱାର୍ଡ ସଭ୍ୟ ରହିବା କଥା ହେଲେ ସୂଚନା ମୁତାବକ ଦୁଇ ବର୍ଷେ ପୂର୍ବରୁ ୱାର୍ଡ ଅଫସର ଚୟନ ପ୍ରକ୍ରିୟା ହେଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ନିଯୁକ୍ତି ହୋଇନାହିଁ। ସେମାନେ ନିଯୁକ୍ତି ପାଇଲେ ପେନସନ ବଣ୍ଟନ ସହ ସମସ୍ତ ସରକାରୀ ମୌଳିକ ସୁବିଧା ହେଇପାରିବ ବୋଲି କୁହାଯାଉଛି। ଜନସାଧାରଣ ବିଶେଷ କରି ବରିଷ୍ଠ ବ୍ୟକ୍ତିଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।



## ମୃତକଙ୍କ ପରିବାରକୁ ସରକାରୀ ସହାୟତା



**ଧରାକୋଟ,୧୮ ।୬(ସମିସ):** ଧରାକୋଟ ବ୍ଲକ ତଥା ବଡଗଡ ଥାନା ଅନ୍ତର୍ଗତ ମଛାକୋଟ ପଞ୍ଚାୟତର ଘାଇ ଛକରେ ସୋମବାର ଘଟିଥିବା ଲକ୍ଷ୍ମୀ ବସ ଦୁର୍ଘଟଣାରେ କାର୍ତ୍ତିକ ନାୟକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଲୋକେ କ୍ଷତି ପୂରଣ ଦାବିରେ ରାସ୍ତାରୋକ କରିଥିଲେ । ଘଟଣାସ୍ଥଳରେ ବଡଗଡ ପୁଲିସ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଓ ରାଜସ୍ୱ ବିଭାଗ ପଦାଧିକାରୀ ପହଞ୍ଚି ଲୋକଙ୍କୁ ବୁଝା ସୁଝା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ମଙ୍ଗଳବାର ପ୍ରତିଶ୍ରୁତି ମୁତାବକ ଧରାକୋଟ ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ମାଣିକ୍ୟପୁର ରାଜସ୍ୱ ନିରୀକ୍ଷକ ଏସ ଜାଗେୟା, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ପୂଜାରୀ ପ୍ରମୁଖ ଶୋକ ସନ୍ତପ୍ତ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ରେଡକ୍ରସ ସହାୟତା ପାଣ୍ଠିର ମଞ୍ଜୁର ଆର୍ଥିକ ସହାୟତା ରାଶି ମୃତକଙ୍କ ପତ୍ନୀ ପ୍ରମିଳା ନାୟକଙ୍କୁ ପ୍ରଦାନ କରିଥିଲେ। ଏହାସହ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଥିଲା ।

## ବିପର୍ଯ୍ୟୟ ପ୍ରଶମନ ମୁକାବିଲା ପ୍ରସ୍ତୁତି ବୈଠକ



**ଧରାକୋଟ,୧୮ ।୬(ସମିସ):** ମୌସୁମୀର ଆଗମନ ଦୃଷ୍ଟିରୁ ଆସର୍ଣ୍ଣ ବନ୍ୟା ବାତ୍ୟାର ସଫଳ ମୁକାବିଲା ପାଇଁ ଧରାକୋଟ ବ୍ଲକ ପ୍ରଶାସନ ତରଫରୁ ବୈଠକ ଗୃହରେ ସମସ୍ତ ଲାଇନ ବିଭାଗର ପଦାଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବିଡିଓ ସୁଶୀଲ ପଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସାମାଜିକ ସୁରକ୍ଷା ଅଧିକାରୀ ସଚିନ ପାତ୍ର, ସିଡିପିଓ ସୁନିଲ ପ୍ରଭା ରଥ, ଏସଆଇ ବାଲ୍ମିକୀ ପ୍ରଧାନ, ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁ, ଏବିଇଓ ପ୍ରଦୀପ କୁମାର ଶତପଥୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ କୁମାର ମାଝୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଚିରଞ୍ଜିବୀ ସାହୁ, କଲ୍ୟାଣ ଅଧିକାରୀ ଅନିଲ ପ୍ରଧାନ, ବିପିଏମ ଗୋଲକ ନାରାୟଣ ଗାରିଆଗାଡୁ ପ୍ରମୁଖ ଉପସ୍ଥିତ ରହି ବିପର୍ଯ୍ୟୟ ପ୍ରଶମନ ସମ୍ପର୍କୀୟ ମୁକାବିଲା ର ମତ ଉପସ୍ଥାପନ କରିଥିଲେ। ବାତ୍ୟାର ମୁକାବିଲା ଓ ଧନ ଜୀବନ ର ସୁରକ୍ଷା ପାଇଁ ଧରାକୋଟ ବ୍ଲକର ୮୨ ଗୋଟି ବିଦ୍ୟାଳୟ ଗୃହକୁ ବାତ୍ୟା ଆଶ୍ରୟ ସ୍ଥଳୀ ଭାବରେ ଚିହ୍ନଟ କରାଯିବା ସହ ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ବ୍ଲକ ପ୍ରଶାସନ ତରଫରୁ ଗ୍ରହଣ କରାଯାଇଥିବା ଘୋଷଣା କରାଯାଇଛି। କରିବା ପାଇଁ ଶ୍ରୀ ସାମନ୍ତରା ପ୍ରତିଶ୍ରୁତି ଦେଇଛନ୍ତି।

## ଖାଇବାବେଳେ ଭୁଶୁଡ଼ି ପଡ଼ିଲା ମିଶନ ଶକ୍ତି କାଫେ




**ଜଗନ୍ନାଥପ୍ରସାଦ,୧୮ ।୬(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ନିକଟ ମିଶନଶକ୍ତି କାଫେର ଭୁଶୁଡ଼ି ପଡ଼ିଛି। ଫଳରେ ଅଳ୍ପକେ ବର୍ତିଯାଉଛନ୍ତି ତିନି ଗ୍ରାହକ। ମଙ୍ଗଳବାର ମଧ୍ୟାହ୍ନରେ ୩ ଗ୍ରାହକ ବସି ଖାଦ୍ୟ ଖାଉଥିବା ସମୟରେ ଛାତ ତଳେ ପ୍ଲାଇ ଓ ଲୁହା ଏଙ୍ଗଲରରେ ପ୍ରସ୍ତୁତ ସିଲିଂଟି ହଠାତ ସମ୍ପୂର୍ଣ୍ଣ ଭାବେ ପଡିଯାଇଥିଲା। ଏହି କୋଠରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ଖାଦ୍ୟ, ଜଳଖିଆ ପ୍ରସ୍ତୁତ କରି ବିକ୍ରି କରିଥାନ୍ତି। ରଖାଦ୍ୟ ଖାଉଥିବା ସମୟରେ ଏହା ଶବ୍ଦ କରି ପଡିବା ବେଳେ ତିନି ଗ୍ରାହକ ଦୌଡିପଳାଇ ନିଜ ଜୀବନ ବଞ୍ଚାଇଛନ୍ତି। ଛଅ ମାସ ପୂର୍ବେ ପୂର୍ବତନ ମନ୍ତ୍ରୀ ବିକ୍ରମ ଆରୁଖ ଏହାର ଉଦଘାଟନ କରିଥିଲେ। ପୁରୁଣା ଆରା କାର୍ଯ୍ୟାଳୟ ଗୃହକୁ ରଙ୍ଗ ମାରି ମିଶନଶକ୍ତି କାଫେ ନାମ ଦିଆଯାଇଥିଲା। ତେବେ ନିମ୍ନମାନର କାମ ହୋଇଥିବା କାରଣରୁ ଏହାର ଦୁର୍ବଳ କାନ୍ଥରୁ ସିଲିଂ ଖସିପଡିଥିବା ଆଲୋଚନା ହେଉଛି। କେତେବେଳେ ଘରର କାନ୍ଥ ଓ ଛାତ ମଧ୍ୟ ପଡିଯିବ ବୋଲି ଆଶଙ୍କା କରାଯାଉଛି।

## ସହରାଞ୍ଚଳ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଅବ୍ୟବସ୍ଥା
# ଔଷଧ ନପାଇ ରୋଗୀ ହନ୍ତସନ୍ତ

**ଆସିକା,୧୮ ।୬(ସମିସ)**

ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ଉଦ୍ଦେଶ୍ୟରେ ଆସିକା ଏନଏସି ପକ୍ଷରୁ ଦେଢ଼ବର୍ଷ ତଳେ ଆସିକା ହାଟପଦା ଛକରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲାଯାଥିଲା। ଏନଏସିର ୧୮ଟି ୱାର୍ଡର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥିଲା। କିନ୍ତୁ ଗତ କିଛି ମାସ ହେଲା ଏଠାରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ମେଡିକାଲରେ କାଲସିୟମ, ଭିଟାମିନ, ଆଇରନ ବଟିକା, ସାଲାଇନ ସହିତ ବିଭିନ୍ନ ପରୀକ୍ଷା ଓ ନିରୀକ୍ଷଣ ଯନ୍ତ୍ର ପାତି ନଥିବା ଯୋଗୁଁ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି କି ସାଧାରଣ ରୋଗୀ ମାନେ ସୁଗାର ପରୀକ୍ଷା ପାଇଁ ଆସିଲେ ସେମାନଙ୍କୁ ମନା କରାଯାଉଛି। ଫଳରେ ସେମାନେ ବାଧ ହୋଇ ଘରୋଇ କ୍ଲିନକରେ ପରୀକ୍ଷା କରିବା ସହ ଖର୍ଚ୍ଚାନ୍ତ ହେଉଛନ୍ତି।

ସୂଚନାଥାଉକି ଆସିକା ସହରାଞ୍ଚଳ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ବିଭିନ୍ନ ୱାର୍ଡରୁ ଦୈନିକ ୫୦ରୁ ୬୦ ଜଣ ରୋଗୀ ସାଧାରଣ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ସକାଳ ୮ରୁ ୧୧ଟା ଏବଂ ସନ୍ଧ୍ୟା ୦୫ରୁ ୭ଟା ପର୍ଯ୍ୟନ୍ତ ଖୋଲାରହୁଛି। କିନ୍ତୁ ରୋଗୀଙ୍କୁ ଔଷଧ ମିଳୁନଥିବାରୁ ଅସନ୍ତୋଷ



ଦେଖାଦେଇଛି। ଏନେଇ ଆସିକା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଆମ ପାଖକୁ ଆସିଲେ ଆମେ ସାଲାଇନ ଓ ଔଷଧ ଦେବୁ। ତେବେ ହାଟପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଜଣେ ରୋଗୀ ଔଷଧ ନେବା ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଯିବା କଥା ଏହା କେତେଦୂର ଯୁକ୍ତିଯୁକ୍ତ ତାହା ନ କହିବା ଭଲ। ଉସମସ୍ୟା ସମ୍ପର୍କରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକଙ୍କୁ ପଚାରିବାରୁ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କ ରେ ଆଉ ଏହି ସୁବିଧା ଉପଲବ୍ଧ ହେବ ନାହିଁ ବୋଲି ଘୋଷଣା କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିପର୍ଯ୍ୟୟ ପରିଚାଳନା ନେଇ ଜିଲ୍ଲାସ୍ତରୀୟ ମକ୍‌ଡ୍ରିଲ୍

**ଛତ୍ରପୁର,୧୮ ।୬(ସମିସ):** ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତୀୟ ପ୍ରସ୍ତୁତି ବା ମକଡ୍ରିଲ ର କାର୍ଯ୍ୟକାରିତା ଦିଗରେ ବିଭିନ୍ନ ବିଭାଗର ପଦକ୍ଷେପ ଗୁଡିକ କିଭଳି ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଏକ ଆଲୋଚନା ବୁଧବାର ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତଥା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଆୟୁଷୀ ପତି ଅଧକ୍ଷତା କରିଥିଲେ। ପୂର୍ବ ପ୍ରସ୍ତୁତି ନିମନ୍ତେ ଯୁକ୍ତିଯୁକ୍ତ ଶିକ୍ଷା ଗ୍ରହଣ ବା ପ୍ରଶିକ୍ଷଣ ଗ୍ରହଣ କରିବା ଅପରିହାର୍ଯ୍ୟ। ବାତ୍ୟା ହେଉ କିମ୍ବା ସୁନାମୀ ହେଉ କିମ୍ବା ଯେ କୌଣସି ମନୁଷ୍ୟ କୃତ ବା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରକୁ ଉନ୍ନତି ଆଣି ସଶକ୍ତ କରିବା ହିଁ




ଟେବୁଲ ଟାସ୍କ ଏକସରସାଇଜ୍ ବିପର୍ଯ୍ୟୟର ପୂର୍ବପ୍ରସ୍ତୁତି, ବିପର୍ଯ୍ୟୟ ସମୟର ପ୍ରସ୍ତୁତି ଏବଂ ବିପର୍ଯ୍ୟୟର ପରପ୍ରସ୍ତୁତି କଣ କରିବା ଆଉ କଣ କରିବା ନାହିଁ ସେ ସମ୍ପର୍କରେ ସଂପୃକ୍ତ ବିଭାଗର ଅଧିକାରୀ ମାନଙ୍କୁ ପ୍ରାଞ୍ଜଳ ଭାବରେ ଅବଗତ କରାଯାଇଥିଲା । ଓସଡମା ପକ୍ଷରୁ ଜିଲ୍ଲାରେ ନିଯୁକ୍ତ ଥିବା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତି ଓ କାର୍ଯ୍ୟ ଖସଡା ସମ୍ପର୍କରେ ପ୍ରାଞ୍ଜଳଭାବେ ଅବଗତ କରାଇଥିଲେ। ସମସ୍ତ ବିଭାଗର ବିଭାଗୀୟ ଅଧିକାରୀଗଣ ସେମାନଙ୍କର ପୂର୍ବ ପ୍ରସ୍ତୁତି କଣସବୁ ଗ୍ରହଣ କରିଛନ୍ତି ତାହା ବୈଠକରେ ଅବଗତ କରାଇଥିଲେ ।

## ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

**ଛତ୍ରପୁର,୧୮ ।୬(ସମିସ):** ଛତ୍ରପୁର ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ଛତ୍ରପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଛତ୍ରପୁର ସହର ସ୍ଥିତ ୟୁରୋ ସ୍କୁଲର ମୁଖ୍ୟ ତଥା ଯୁବ ଆଇନଜୀବୀ ରଞ୍ଜନ କୁମାର ମହାପାତ୍ର, ସମାଜସେବୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପ୍ରାଧ୍ୟାପକ ଡ଼. ଭି. ରାଜେନ୍ଦ୍ର ରାଜୁ, ବରିଷ୍ଠ ଆଇନଜୀବୀ ପଦ୍ମ ଚରଣ ସାହୁ, ପୂର୍ବତନ କାଉନସିଲର ବି. ରାଜୁବାବୁ, ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା ୧୦ ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଛତ୍ରପୁର ପ୍ରେସ କ୍ଲବର ସଭାପତି ରବୀନ୍ଦ୍ରନାଥ ପଣ୍ଡା, ସମ୍ପାଦକ ସରୋଜ କୁମାର ସାମଲ, ଉପଦେଷ୍ଟା ବସନ୍ତ କୁମାର ମହାରଣା ଓ ପ୍ରଶାନ୍ତ କୁମାର ମହାରଣା, ଗଞ୍ଜାମ ପ୍ରେସ ଉପଦେଷ୍ଟା ଉମାକାନ୍ତ ବେହେରା, ସାମ୍ବାଦିକ ସୁଧୀର କୁମାର ନାହାକ, ଦିଲ୍ଲୀପ ସାମଲ,ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ସାହୁ, କିଶୋର ଚନ୍ଦ୍ର ମହାନ୍ତି, ଭଗବାନ ଦାଶ, ଅଶୋକ ରଥ, ଜିତେନ୍ଦ୍ର ନାୟକ, ବିଜୟ ଲକ୍ଷ୍ମୀ ମହାକୁଡ, ଗୌର ପ୍ରସାଦ ମହାପାତ୍ର ଓ ମୁନା ବେହେରା, ଯୁବ ନେତା ଅଟଳ ବିହାରୀ ପଟ୍ଟନାୟକ, ମନୋଜ କୁମାର ତ୍ରିପାଠୀ, ଅଜିତ କୁମାର ସେଠୀ, କୃଷ୍ଣ ମହାପାତ୍ର, କ୍ୟାଡର ଏପିପି ରାଜେଶ କୁମାର ମିଶ୍ର, ଗୌରହରି ପଣ୍ଡା, ଏନ. ରାଜେନ୍ଦ୍ର, ଏନ. ଦୀନବନ୍ଧୁ, ସୁବ୍ରତ ପଢିଆରି, ସିମାଞ୍ଚଳ ପ୍ରଧାନ, ଜିତେନ୍ଦ୍ର ନାୟକ, ଦିଲ୍ଲୀପ କୁମାର ସାମଲ, ନିରଞ୍ଜନ ରାଉଳ, ମଦନ ପାଢ଼ୀ, ନୀଳକଣ୍ଠ ଦାଶ, ଅକ୍ଷୟ ମହାପାତ୍ର, ସୁଧୀର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ସନ୍ତୋଷ କୁମାର ସାହୁ ସଂଯୋଜନା କରିଥିବା ବେଳେ ସାହିତ୍ୟିକ ତଥା କବି ପ୍ରଶାନ୍ତ କୁମାର ଶତପଥୀ ସହଯୋଗ କରିଥିଲେ।

## ସପ୍ତଠାକୁରାଣୀ ଯାତ୍ରା ଲାଗି କଳସ ଯାତ୍ରା



**ଆସିକା,୧୮ ।୬(ସମିସ):** ଆସିକାରେ ମା'ଫୁଲେକେଶନିଙ୍କର ସପ୍ତ ଠାକୁରାଣୀ ଯାତ୍ରାର ପ୍ରଥମ ଦିନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଠାରୁ ମା'ଙ୍କ ଯାତ୍ରା ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଆଜି ମା'ଙ୍କ ଯାତ୍ରା ଆରମ୍ଭ ପୂର୍ବରୁ ତ୍ରିବେଣ୍ୱର ଘାଟରୁ ଜଳ ଆଣି କଳସ ଯାତ୍ରା ହୋଇଥିଲା। ତ୍ରିବେଣ୍ୱର ଘାଟରେ ଶତାଧିକ ମହିଳା ପବିତ୍ର ଜଳ ନେଇ ବଜାର ସାହି, ହାଟ ପଦା, ନିରଞ୍ଜନ ନଗର ଦେଇ ନଗର ପରିକ୍ରମା ସହିତ ମା'ଙ୍କ ଅସ୍ଥାୟୀ ମଣ୍ଡପରେ ପହଁଚିବା ପରେ ମା ଫୁଲେକେଶୁନିଙ୍କର ଯାତ୍ରା ବିଧିବଧ ଭାବେ ଆରମ୍ଭ ହୋଇଥିଲା। ଏହି ଯାତ୍ରାରେ ଆସିକାର ସପ୍ତ ଠାକୁରାଣୀ ମା'ଫୁଲକେଶନୀ, ମା'ଖମ୍ବେଶ୍ୱରୀ, ମା' କାଳମୁଖୀ, ମା' ମାଣିକେଶ୍ୱରୀ, ବୁଢ଼ୀ ମା'ଠାକୁରାଣୀ, ମା'ଗ୍ରାମଦେବତୀ, ମା'ବିମଳା ଠାକୁରାଣୀଙ୍କ ମେଳଣ ହେବ। ଦୀର୍ଘ ଦଶ ଦିନ ଧରି ଏହି ଯାତ୍ରା ହେବାକୁ ଥିବା ବେଳେ ପ୍ରତେକ ତିନି ବର୍ଷକୁ ଥରେ ଏହି ସପ୍ତଠାକୁରାଣୀ ଯାତ୍ରା ହୋଇ ଆସୁଥିବା ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।

## ବିଧାୟକଙ୍କୁ ଶିକ୍ଷକ ସଂଘର ସମ୍ବର୍ଦ୍ଧନା



**ପାତ୍ରପୁର,୧୮ ।୬(ସମିସ):** ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କୁ ପାତ୍ରପୁର ମିଳିତ ଶିକ୍ଷକ ସଙ୍ଘ ତତଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରଯାଇଛି। ସଂଘର ସଭପତି ରାଜେଶ ମାହାନ୍ତି ସମ୍ପାଦକ ଶଶାଙ୍କ ପ୍ରଧାନଙ୍କ ସମେତ ଶିକ୍ଷକ ନେତା ସର୍ବଶ୍ରୀ ନିଶାମଣି ପ୍ରଧାନ, ପ୍ରଫୁଲ୍ଲ ପାଢ଼ୀ, ନିରଞ୍ଜନ ରେ‡ୀ, ଶିଶିର ମହାପାତ୍ର, ଶିବ ପ୍ରଧାନ ଓ ଅନ୍ୟ ଶିକ୍ଷକ ମାନେ ଉପସ୍ଥିତ ଥିଲେ। ବିଧାୟକଙ୍କୁ ସମ୍ବର୍ଦ୍ଧନା ସମୟେ ଶିକ୍ଷକ ସମାଜର ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ଅବଗତ କରାଗଲା ଓ ବିଧାୟକ ଶିକ୍ଷକ ମାନଙ୍କ ପାଇଁ ଯଥା ସମ୍ଭବ ସାହାଯ୍ୟ ବିଧାନସଭା ଭିତରେ ଓ ବାହାରେ

## ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ




**ଆସିକା,୧୮ ।୬(ସମିସ):** ଆସିକା କଳିଙ୍ଗ ରୋଡରେ ଥିବା ଏଥର ହୋଟେଲ ପରିସରରେ ଆସିକା ଅଞ୍ଚଳର ସମାଜସେବୀ, ସାହିତ୍ୟିକ, ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ନେଇ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରସ୍ପର ମଧ୍ୟରେ ଶାନ୍ତି, ପ୍ରେମ ଓ ମୈତ୍ରୀ ଭାବନା ଜାଗ୍ରତ କରିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ନେଇ ଏହି କାର୍ଯ୍ୟକ୍ରମ ସାର୍ବଜନୀନ କରାଯାଇଥିବା ନେଇ କହିଥିଲେ କଳିଙ୍ଗ ଟିଭି ଦକ୍ଷିଣ ଓଡିଶା ବ୍ୟୁରୋ ଚିଫ ତଥା ସମ୍ମାନିତ ଅତିଥି ପ୍ରକାଶ ପଟ୍ଟନାୟକ। ଆସିକା ଅଞ୍ଚଳର ବରିଷ୍ଠ ଶିକ୍ଷାବିତ ତଥା ମାନବ ସେବା ସମିତିର ପ୍ରତିଷ୍ଠାତା ଗଣେଷ ରଥ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ସୁରେନ୍ଦ୍ର ନାଥ ପଣ୍ଡା, ପୂର୍ବତନ ଶିକ୍ଷକ ନେତା ପୀତବାସ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ, ବିଡ଼ିଓ ଫକୀର ଚରଣ ପରିଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ଅନିଲ କୁମାର ପାଣିଗ୍ରାହୀ ଓ ଯୁବ ସାମ୍ବାଦିକ ରତ୍ନାକର ଶିୟ ସଂଯୋଜନା କରିଥିଲେ। ଆସିକା ଜର୍ଣ୍ଣାଲିଷ୍ଟ ଆସୋସିଏସନର ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## 'ବିପର୍ଯ୍ୟୟରୁ ସମସ୍ତଙ୍କୁ ରକ୍ଷା କରିବା ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ'

**ଫୁଲବାଣୀ,୧୮।୬(ସମିସ):** କନ୍ଧମାଳ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ବୈଠକରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଅଧକ୍ଷତା କରି ଯେ କୌଣସି ବିପର୍ଯ୍ୟୟରୁ ମଣିଷ ସମ୍ପଦ ହେଉ ବା ପ୍ରାଣୀ ସମ୍ପଦ ହେଉ ସମସ୍ତଙ୍କୁ ରକ୍ଷା କରିବା ଆମର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ୍ ବୋଲି କହିଥିଲେ। େ ବିଭିନ୍ନ ବିଭାଗର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳନା ପାଇଁ ପୂର୍ବରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଥାଏ । ବିପର୍ଯ୍ୟୟ ଘଟିବା ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ଘଟିବା ପରେ କ'ଣ କରାଯିବ ଓ କେମିତି ପରିଚାଳନା କରାଯିବ ସବୁ ବିଭାଗ ସେଥିପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଓଏସ୍‌ଡିଏମ୍‌ଏ ରାଜ୍ୟ ପର୍ଯ୍ୟବେକ୍ଷକ ଖାଦିମ୍ ଖାନ୍ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ଜିଲ୍ଲାରେ ବିପର୍ଯ୍ୟୟକୁ ରୋକିବା ପାଇଁ ବା ପ୍ରଭାବକୁ କମାଇବା ପାଇଁ ଏବଂ ବିପର୍ଯ୍ୟୟ ପରେ ନେବାକୁ ଥିବା ପଦକ୍ଷେପ ଗୁଡ଼ିକୁ ସଠିକ ସମୟରେ ଓ ସଠିକ ଭାବରେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପ୍ରଭୁ ପ୍ରସାଦ ମହାରଣା ପାୱାର ପଏଣ୍ଟ ମାଧ୍ୟମରେ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଆପତକାଳୀନ ଅଧିକାରୀଙ୍କ ସମେତ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ବିପର୍ଯ୍ୟୟର ସୁପରିଚାଳନା ପାଇଁ ତାଙ୍କ କାର୍ଯ୍ୟାଳୟରେ ଦିବା ରାତ୍ର କଣ୍ଟ୍ରୋଲ୍ ରୁମ୍ ଖୋଲିଛନ୍ତି । ଅଗ୍ନିଶମ ବିଭାଗ , ବନ ବିଭାଗ, କୃଷି ବିଭାଗ, ପଶୁ ସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ଓ ପରିମଳ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗ, ସ୍'ାସ୍ଥ୍ୟ ବିଭାଗ, ଜଳସେଚନ ବିଭାଗ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ଯୋଗାଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ମଙ୍ଗଳ ବିଭାଗ ଇତ୍ୟାଦିର ଅଧିକାରୀମାନେ ନିଜ ନିଜ ବିଭାଗ ଦ୍ୱାରା ସମ୍ଭାବ୍ୟ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରେ ନେବାକୁ ଥିବା ପଦକ୍ଷେପ ଗୁଡିକର କାର୍ଯ୍ୟଖସଡ଼ା ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଆପତକାଳୀନ ଅଧିକାରୀ ଶ୍ରୀ ରଞ୍ଜନ କୁମାର ମାଝୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷର ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ବିପର୍ଯ୍ୟୟର ସୁପରିଚାଳନା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କର ମିଳିତ ସହଯୋଗ କାମନା କରିଥିଲେ।

## ଅବସରପ୍ରାପ୍ତ ସାମରିକ ଅଧିକାରୀଙ୍କ ଦେହାନ୍ତ



**ବେଲଗୁଣ୍ଠା, ୧୮ ।୬(ସମିସ):** ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡ଼ି ଗ୍ରାମର ଅବସରପ୍ରାପ୍ତ ସୁବେଦାର୍ ମେଜର୍ ଦଣ୍ଡପାଣି ସାହୁଙ୍କ ୬୫ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ଦଣ୍ଡପାଣି କିଛିଦିନ ହେବ ଅସୁସ୍ଥ ହୋଇ ବ୍ରହ୍ମପୁରର ଏକ ଘରୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଥିଲେ। ସୋମବାର ସକାଳେ ସେ ମୁନିଗାଡ଼ି ସ୍ଥିତ ନିଜ ବାସଭବନରେ ପ୍ରାଣତ୍ୟାଗ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଗୋଲାପ ସାହୁ, ଦୁଇ ପୁଅ ପ୍ରଦୀପ, ମୁନା, ତିନି ଝିଅ, ଜ୍ୱାଇଁ, ନାତି ନାତୁଣି ଏବଂ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତ ସାହୁ ଜଣେ ପରୋପକାରୀ ଏବଂ ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର୍ ବଂଶୀଧର ଗୌଡ଼, ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ସାବତ, ସରପଞ୍ଚ ସବିତା ସ୍ୱାଇଁ, ସରପଞ୍ଚ ପ୍ରତିନିଧି ସନ୍ତୋଷ ସ୍ୱାଇଁ, ସମିତିସଭ୍ୟ ପ୍ରତିନିଧି ମାନସ ରଞ୍ଜନ ବିଷୋୟୀ, ନିମାଇଁ ଚରଣ ନାୟକ, ଜୟଦେବ ସାହୁ, ଭଗବାନ ସାହୁ, ଶଙ୍କର ସାହୁ, ଭାସ୍କର ସାହୁ, ରାକେଶ, ବିକାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ କରିବା ସହ ଗଭୀର ଶୋକ ବ୍ୟକ୍ତ କରିଥିଲେ ଓ ଗ୍ରାମ ଶ୍ମଶାନରେ ସ୍ୱର୍ଗତ ଅନ୍ତିମ ସଂସ୍କାର ହୋଇଥିଲା।

## ପୁଅ ଅନ୍ୟ ଜାତିରେ ବାହା ହେଲା ବୋଲି ସାମାଜିକ ବାସନ୍ଦ
# ଥାନାର ଦ୍ୱାରସ୍ଥ ହେଲେ ପୀଡ଼ିତ ପରିବାର

**ପୁରୁଷୋତ୍ତମପୁର,୧୮ ।୬(ସମିସ):** ପୁଅ ଅନ୍ୟ ଜାତିରେ ବାହା ହେଲା ବୋଲି ସମ୍ପୂର୍ଣ୍ଣ ପରିବାରକୁ କୁଳ ଲୋକେ ବାସନ୍ଦ କରିଛନ୍ତି। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳ ଭାଟକୁମରଡା ଗ୍ରାମରେ ଏଭଳି ଘଟଣା ଘଟିଛି। ଗତ ବର୍ଷ ପୁରୁଷୋତ୍ତମପୁର ଥାନା ଅଧୀନ ସାଗୁଣାପଲ୍ଲୀରେ ଏକ ପରିବାରକୁ ଏଭଳି ଏକ ସାମାଜିକ ବାସନ୍ଦ ଘଟଣା ଘଟିଥିଲା। ଯାହା ପୁଲିସ ପ୍ରଶାସନର ମୁଣ୍ଡବଥା ପାଲଟି ଥିବା ବେଳେ ପୁଣି ଏପରି ଏକ ଘଟଣା ସାମ୍ନାକୁ ଆସିଛି। ଭାଟକୁମରଡା ଗ୍ରାମର କୁନୀ ସେଠୀଙ୍କ ବଡ଼ ପୁଅ ଭଲପାଇ ଅନ୍ୟଜାତିରେ ବିବାହ କରିବାରୁ ପରିବାର ଲୋକଙ୍କୁ ସମାଜରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମଙ୍ଗଳବାର କୁନି ସେଠୀଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। କୁନି ଅଭିଯୋଗ କରିଛନ୍ତି ଯେ, ତାଙ୍କ ବଡପୁଅ ଦାଦନ ଖଟିବାକୁ ମୁମ୍ବାଇ ଯାଇଥିଲା। ସେଠାରେ ଜଣେ ଯୁବତୀଙ୍କୁ ଭଲପାଇ ବିବାହ କରିଥିଲା। ବର୍ତ୍ତମାନ ଦୁହେଁ ଖୁସିରେ ରହୁଛନ୍ତି। ଏପରିକି ଗତ ଫେବୃଆରୀ ୨୬ ତାରିଖରେ ତାଙ୍କର ସାନପୁଅର ବିବାହ ସାମାଜିକ ନିୟମ ଅନୁସାରେ ହୋଇଥିଲା। ସେହି ସମୟରେ ବଡପୁଅ ବିବାହ କାର୍ଯ୍ୟରେ ଯୋଗଦେବା ନେଇ ସମାଜର କେତେଜଣ ବ୍ୟକ୍ତି ଏହାକୁ ବାରଣ କରି ପରିବାର ଲୋକଙ୍କୁ ସାମାଜିକ ବାସନ୍ଦ କରିବା ସହ ତାଙ୍କ ପରିବାରଙ୍କ ସହ ସମାଜର କୌଣସି ବ୍ୟକ୍ତି କଥାହେଲେ ସେମାନଙ୍କୁ ସାହିରେ କଙ୍ଗାରୁ କୋର୍ଟ ବସାଇ ବାସନ୍ଦ କରି ଜରିମାନା କରିବାରେ ଲାଗିଛନ୍ତି। ଏପରିକି ତାଙ୍କ ପରିବାରକୁ ବିଭିନ୍ନ ପ୍ରକାରର ଅଶ୍ଳୀଳ ବ୍ୟବହାର ସହ କରିବାରେ ଲାଗିଛନ୍ତି। ଏନେଇ କୁନିଙ୍କ ପରିବାର ଗାଁରେ ଚଳିବାରେ ଅସହ୍ୟ ହୋଇପଡିଛନ୍ତି। ଶେଷରେ ନ୍ୟାୟ ପାଇଁ ସ୍ୱାମୀ ଲଡୁ ଓ ସାନପୁଅ ଜିତେନ୍ଦ୍ରକୁ ନେଇ କୁନି ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ତୁରନ୍ତ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛି।



ସକାଳ
THE SAKALA



# ଅଘୋଷିତ ବିଦ୍ୟୁତ୍ କାଟ୍, ଗରମରେ ଲୋକେ ଅତିଷ୍ଠ



**ବ୍ରହ୍ମପୁର,୧୮ ।୬(ସମିସ):** ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକମାନେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ୍ ଏହି ଦୁଃଖକୁ ଆହୁରି ବଢ଼ାଇ ଦେଇଛି । ବ୍ରହ୍ମପୁର ସହରରେ ବାରମ୍ବାର ବିଦ୍ୟୁତ କାଟ ବର୍ତ୍ତମାନର ପ୍ରମୁଖ ସମସ୍ୟା । ବ୍ରହ୍ମପୁର ସହର ସମେତ ଉପକଣ୍ଠରେ ନିୟମିତ ହେଉଛି ବିଦ୍ୟୁତ୍ କାଟ୍ । ବିଳମ୍ବିତ ରାତି ହେଉ ଅବା ଭୋର ସମୟ, ପୁଣି ସକାଳ ହେଉ କିମ୍ବା ଦିନଦ୍ୱିପହର ମନଇଚ୍ଛା ହେଉଛି ବିଦ୍ୟୁତ୍ କାଟ୍ । ଗତ କିଛିଦିନ ଧରି ଲାଞ୍ଜିପଲ୍ଲୀ, ଆଙ୍କୁଲି, ଅଶୋକନଗର, ହିଲପାଟଣା, ଖୋଡ଼ାସିଙ୍ଗି, ଗଜପତିନଗର, ଗୋଇଲୁଣ୍ଡି, ଭାବାନଗର, ଗେଟବଜାର, ଆସିକାରୋଡ଼, ଗାନ୍ଧୀନଗର, ହାଉସିଂବୋର୍ଡ, ଫାଷ୍ଟଗେଟ, ବଡବଜା. ହରଡ଼ାଖଣ୍ଡି ଓ ଗୋଷାଣିନୂଆଗାଁ ଅଞ୍ଚଳ ସମେତ ସହରର ବିଭିନ୍ନ ସ୍ଥାନରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି । ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଅଭିଯୋଗ ପ୍ରକାରେ ଗତ କିଛିଦିନ ଧରି ଲଗାତାର ରାତି ସମୟରେ ହିଁ ଏଭଳି ବିଦ୍ୟୁତ କାଟ ସହିତ ଗତ ଦୁଇ ୩ଦିନ ଧରି ମଧ୍ୟାହ୍ନ ସମୟରେ ବିଦ୍ୟୁତ କାଟ ହେଉଛି । କମ୍ ସମୟ ପାଇଁ ବିଦ୍ୟୁତ କାଟ ହେଉଥିଲେ ହେଁ ବାରମ୍ବାର ହେଉଥିବା ଅଭିଯୋଗ ହୋଇଛି । ବିଦ୍ୟୁତ ସରବରାହ ବିଚ୍ଛିନ୍ନ ଯୋଗୁଁ ପିଲାଙ୍କ ଠାରୁ ବୟସ୍କଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବର୍ଷା ପବନ ହେଲେ ଥରେ ବିଦ୍ୟୁତ୍ କାଟ୍ ହେଲେ କେତେବେଳେ ପୁଣି ଫେରିବ ତାକୁ ନେଇ ମଧ ଚିନ୍ତାରେ ପଡୁଛନ୍ତି ଲୋକେ । ବିଦ୍ୟୁତକାଟ୍ ଯୋଗୁଁ ପିଲାଙ୍କ ପାଠପଢା ଠାରୁ ଆରମ୍ଭ କରି ରୋଷେଇ ପର୍ଯ୍ୟନ୍ତ ସବୁଥିରେ ଦେଖାଦେଉଛି ସମସ୍ୟା । ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ନିୟମ ଅନୁସାରେ ଅଘୋଷିତ ବିଦ୍ୟୁତ୍ କାଟ ହୋଇପାରିବ ନାହିଁ । କୌଣସି କାରଣରୁ ବା ମରାମତି ପାଇଁ ଯଦି ବିଦ୍ୟୁତ କାଟ ହୁଏ ତେବେ ପୂର୍ବରୁ ବିତରକ ସଂସ୍ଥା ପକ୍ଷରୁ ଉପଭୋକ୍ତାଙ୍କୁ ଆଗୁଆ ସୂଚନା ଦେବା ଜରୁରୀ । କୌଣସି ପ୍ରାକ୍ ସୂଚନା ନଦେଇ ହେଉଥିବା ବିଦ୍ୟୁତ୍‌କାଟ ସବୁ ବର୍ଗର ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ କହିବା କଥା ସହରରେ ବା ଉପକଣ୍ଠରେ ଅଘୋଷିତ ବିଦ୍ୟୁତ୍ କାଟ ହେଉନାହିଁ । ଯେତେବେଳେ ମରାମତି ପାଇଁ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯାଉଛି ତାହା ସାମୟିକ ଓ ତାହାର ଯଥେଷ୍ଟ ପୂର୍ବରୁ ଡାକବାଜି ଯନ୍ତ୍ର ଯୋଗେ ଓ ଗ୍ରାହକଙ୍କ ମୋବାଇଲକୁ ମେସେଜ ଜରିଆରେ ସୂଚନା ଦିଆଯାଉଛି । ତେବେ ଅତ୍ୟଧିକ ଗରମ ଯୋଗୁଁ ବିଭିନ୍ନ ସମୟରେ କେବୁଲ ତାର ଯୋଗୁଁ ବା ସଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟୁଥିବାରୁ ସେଗୁଡିକର ମରାମତିର ଆବଶ୍ୟକତା ରହୁଛି । ଏଣୁ ଏସମସ୍ତ ଦିଗକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି ।

## ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ବୁଗୁଡା,୧୮ ।୬(ସମିସ):** ବୁଗୁଡା ଥାନା ଅଞ୍ଚଳର ଜଣେ ଯୁବକ ସେହି ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି । ଗିରଫ ଜଣକ ହେଲେ ପାଙ୍ଗିଡି ଗ୍ରାମର ବିବାହିତ ଯୁବକ ଆଶିଷ ରେଡି ଓରଫ୍ ପପୁ (୩୫) । ଏନେଇ ପୁଲିସ କେସ୍ ନଂ-୩୫୬/୨୪ ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି । ଗତ ୧୬ ତାରିଖ ଦିନ ସମ୍ପୃକ୍ତା ଛାତ୍ରୀଙ୍କ ଘର ଲୋକେ ରାମଣ୍ଡା ଗାଁକୁ ଚାଲି ଯାଇଥିଲେ । ତେବେ ଘରେ କେହି ନଥିବା ବେଳେ ଏହାର ସୁଯୋଗ ନେଇ ସନ୍ଧ୍ୟା ପ୍ରାୟ ସାଢେ ଆଠଟା ସମୟରେ ଆଶିଷ ପାଉଁ ରୁଟି ଦେବା ବାହାନାରେ ତାଙ୍କର ଘରକୁ ପ୍ରବେଶ କରି ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲା । ଏନେଇ ଥାନାରେ ଅଭିଯୋଗ କ୍ରମେ ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଅଜଣା ଜ୍ୱରରେ ଶିଶୁ ମୃତ

**ପାତ୍ରପୁର,୧୮ ।୬(ସମିସ):** ପାତ୍ରପୁର ବ୍ଲକ ଆଦିବାସୀ ଅଧୁଷିତ ଆଙ୍କୁଲି ପଞ୍ଚାୟତ ଅନ୍ତର୍ଗତ ଶିରିସିଗଣ୍ଡ ଗ୍ରାମର ଜଣେ ଶିଶୁ ଅଜଣା ଜ୍ୱରରେ ଆକ୍ରାନ୍ତ ହୋଇ ସୋମବାର ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ ଶିଶୁ ଜଣକ ହେଉଛନ୍ତି ଉକ୍ତ ଗ୍ରାମର ଚମ୍ପି ନାଇକଙ୍କ ନାତି ଗଙ୍ଗା ଦଳେଇ (୮) । ଗଜପତି ଜିଲ୍ଲା ଦଳେଇ ସାହି ଗ୍ରାମର ଶିବରାମ ଦଳେଇଙ୍କ ପୁଅ ଗଙ୍ଗା ଦଳେଇ ନିଜ ଅଜାଘର ଗ୍ରାମ ଶିରିସିଗଣ୍ଡ ଗ୍ରାମରେ ରହି ଆସୁଥିଲେ । ଚାରିଦିନ ହେବ ସେ ଜ୍ୱରରେ ଆକ୍ରାନ୍ତ ହୋଇଥିବାବେଳେ ମେଡିକାଲ ନେବା ପାଇଁ ସ୍ଥିର ହୋଇଥିଲା । ହଠାତ ଗତକାଲି ଭୋର ସମୟରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଏହି ଅଞ୍ଚଳ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ । ତେଣୁ ଏଭଳି ଘଟଣା ଘଟୁଥିବା କୁହାଯାଉଛି ।

## ଆଗେଇ ଚାଲିଛି ୩ ରଥ ନିର୍ମାଣ

**ପାରଳାଖେମୁଣ୍ଡି,୧୮ ।୬(ସମିସ):** ଦକ୍ଷିଣ ଓଡିଶାର ସବୁଠୁ ବଡ ରଥଯାତ୍ରା ପାରଳାଖେମୁଣ୍ଡିରେ ହୋଇଥାଏ । ପୁରୀ ଭଳି ଏଠାରେ ମଧ୍ୟ ତିନୋଟି ରଥରେ ଗୁଣ୍ଡିଚା ଯାତ୍ରା ଦିନ ଚତୁର୍ଦ୍ଧାମୂର୍ତ୍ତୀ ବିଜେ କରିଥାନ୍ତି । ଏଥିନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ରଥ ନିର୍ମାଣ କମିଟି ସଦସ୍ୟଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ମହାରଣା ରଥ ନିର୍ମାଣ କାର୍ଯ୍ୟ ଭାର ତୁଲାଉଛନ୍ତି । ରଥର ବିଭିନ୍ନ ଅଂଶ କାରୀଗର ନିର୍ମାଣ କରୁଛନ୍ତି ।

## ଅଟୋ ଦୁର୍ଘଟଣାରେ ୫ ଗୁରୁତର

**ଧରାକୋଟ,୧୮ ।୬(ସମିସ):** ଧରାକୋଟ ନିକଟସ୍ଥ ଜାତୀୟ ରାଜପଥ ୫୯ ର ଯାନବିଲି ଗ୍ରାମ୍ୟ ବନ୍ଧ ନିକଟରେ ମଙ୍ଗଳବାର ସନ୍ଧ୍ୟା ୫ଟାରେ ସୋରଡ଼ାରୁ ଧରାକୋଟ ନିକଟସ୍ଥ ରୁଗୁମୁକୁ ଏକ ଅଟୋ ଓଡି୦୭ଏଏ-୯୬୪୬ ଯାତ୍ରୀ ମାନଙ୍କୁ ନେଇ ଫେରୁଥିବା ବେଳେ ଅଚାନକ ଅଟୋ ଚାଳକ କନିଷ୍ଠ ନାୟକକୁ ହଠାତ ଅପସ୍ମାର ମାରିବାରୁ ଭାରସାମ୍ୟ ହରାଇ ଅଟୋଟି ରାସ୍ତା ପାଶ୍ୱର୍ରେ ଥିବା ଡ୍ରେନ ଉପରକୁ ଚଢ଼ିଯାଇ ଓଲଟି ପଡିଥିଲା । ଫଳରେ ସେଥିରେ ବସିଥିବା ଡ୍ରାଇଭର କନିଷ୍ଠ ନାୟକ, ସୁଦାମ ନାୟକ, ସନ୍ତୋଷ ପତ୍ରୀ, ଜୟନ୍ତୀ ନାୟକ ଓ ସଞ୍ଜୁ ନାୟକ ଆହତ ହୋଇଥିଲେ । ଧରାକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ପଠାଇବା ସହ ଅଟୋ ଜବତ କରିଥିଲେ । ଆହତ ମାନଙ୍କ ମଧ୍ୟରୁ ଜୟନ୍ତୀ ଓ ସନ୍ତୋଷଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ବିଜେଡି ସମର୍ଥିତ ଜନପ୍ରତିନିଧିଙ୍କ ଆଲୋଚନା ସଭା



**ଦିଗପହଣ୍ଡି,୧୮ ।୬(ସମିସ):** ଦିଗପହଣ୍ଡି ସ୍ଥିତ ଦିବଂଗତ ବିଧାୟକ ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମାଧି ସ୍ଥଳ ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଦିଗପହଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ଜନପ୍ରତିନିଧି ମାନଙ୍କର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ବିଜେଡ଼ି ବ୍ଲକ ସାଧାରଣ ସମ୍ପାଦକ ତଥା ଜକର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ । ରାଜ୍ୟର ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି ସହ ନିଜ ନିଜ ପଞ୍ଚାୟତର ଉନ୍ନୟନ କାମ ଏବଂ ଜନ ମଙ୍ଗଳକାରୀ ସରକାରୀ ଯୋଜନା ଗୁଡିକ କିଭଳି ଭାବେ ନିର୍ଦ୍ଧାରିତ ସମୟରେ ସମ୍ପାଦିତ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା । ନୂତନ ସରକାରଙ୍କୁ ଶୁଭେଚ୍ଛା ଜଣାଯିବା ସହ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଜେଡି ସମର୍ଥିତ ସମସ୍ତ ପଞ୍ଚାୟତ ପ୍ରତିନିଧି ତୃଣମୂଳସ୍ତରରେ ଜନତାଙ୍କ ସେବା ଜାରି ରଖିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା । ଦିଗପହଣ୍ଡି ବ୍ଲକର ବିଜେଡି ସମର୍ଥିତ ଜନ ପ୍ରତିନିଧି ମାନେ ସଙ୍ଗଠିତ ହୋଇ ସମସ୍ତଙ୍କ ସୁବିଧା ଅସୁବିଧାରେ ପରସ୍ପରଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ସଭାରେ ନିଷ୍ପତ୍ତି କରାଯାଇଥିଲା । ବିଜେଡ଼ି ଗଞ୍ଜାମ ଜିଲ୍ଲା ସମ୍ପାଦକ ତଥା ପଦ୍ମନାଭପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣା ରାଓ ସୁବୁଦ୍ଧିଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଜେଡ଼ି ଯୁବ ସଭାପତି ଏମ. ନିରଞ୍ଜନ ରେଡ୍ଡୀ, ବ୍ଲକ ବିଜେଡି ଯୁବ ସଭାପତି ତଥା ଗଡ଼ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ରଞ୍ଜନ କୁମାର ସାହୁ, ଗଞ୍ଜାମ ଜିଲା ଯୁବ ବିଜେଡି ଉପସଭାପତି ତଥା ଖମାରି ଗାଁ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, କଇଠଖଣ୍ଡି ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ଗୌଡ଼, କରପଡ଼ା ପଞ୍ଚାୟତ ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଆଦିତ୍ୟ ସାହୁ, ସନ୍ତୋଷ ଦୋରା, ଏମ . ସନ୍ତୋଷ, ଶିଶିର ପ୍ରଧାନ, ଶ୍ୟାମ ନାୟକ, ବୁଲୁ ସେଠୀ, ଦୀନବନ୍ଧୁ ସେଠୀ, ଅରକ୍ଷିତ ରାଉତଙ୍କ ସମେତ ବହୁ ସଂଖ୍ୟକ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ମାନେ ସଭାରେ ନିଜନିଜର ମତ ବ୍ୟକ୍ତ କରିଥିଲେ । ପରେ ସମସ୍ତ ସଭ୍ୟ ଦିଗପହଣ୍ଡି ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ନକୁଳ ପ୍ରଧାନଙ୍କ ନେତୃତ୍ୱରେ ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ବିଭିନ୍ନ ଉନ୍ନୟନ କାମ ଓ ଜନ ମଙ୍ଗଳକାରୀ ସରକାରୀ ଯୋଜନା ଗୁଡିକ କିପରି ବାହ୍ୟ ଚାପ ବିନା ସୁରୁଖୁରୁରେ ସମ୍ପାଦିତ ହୋଇ ପାରିବ ସେନେଇ ଆଲୋଚନା କରିଥିଲେ । ଖୁବ ଶୀଘ୍ର ପଞ୍ଚାୟତ ସମିତି ବୈଠକ ଡକାଯାଇ ବିଭିନ୍ନ ସମସ୍ୟା ଓ ଜନ କଲ୍ୟାଣ ଯୋଜନା ଗୁଡ଼ିକର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ବିଡ଼ିଓ ପ୍ରତିନିଧି ଦଳଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।

## ଜିଲ୍ଲାର ୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ସହାୟତା



**ଛତ୍ରପୁର,୧୮ ।୬(ସମିସ):** ମଙ୍ଗଳବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୧୭ ତମ କିସ୍ତି ସହ କୃଷି ସଖୀ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ଗଂଜାମ ଜିଲ୍ଲାର ଛତ୍ରପୁର ସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଏହାର ସିଧା ପ୍ରସାରଣ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଏହି ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଗଂଜାମ ଜିଲ୍ଲାରେ ଜଳ ସେଚନ ସୁବିଧା ନଥିବାରୁ ଅଧା ଚାଷ ଜମିରେ ଚାଷ ହୋଇପାରୁ ନାହିଁ । ଏହାର ସମାଧାନ ଦିଗରେ ଆମ ସରକାର କାର୍ଯ୍ୟ କରିବ ବୋଲି ମଧ ସେ କହିଥିଲେ । ଗଞ୍ଜାମ ଜିଲାରେ ୨ଲକ୍ଷ ୬୦ ହଜାର ୧୧୦ ଜଣ ଚାଷୀଙ୍କ ଖାତାକୁ ଏହି ଟଙ୍କା ଯାଇଥିବା କୁହାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ.ଅନିଲ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ପରିଷଦର ସିଡିଓ ମଧୁମିତା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧାଂଶୁ କୁମାର ନନ୍ଦଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ କନ୍ଧ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ କୃଷକ ଉପସ୍ଥିତ ଥିଲେ ।

## ରାମକୃଷ୍ଣ ନଗରରେ ବାଘ!

**ଭଞ୍ଜନଗର,୧୮ ।୬(ସମିସ):** ଭଞ୍ଜନଗର ସହର ଉପକଣ୍ଠରେ ଥିବା, ଜନବସତି ଅଞ୍ଚଳରେ ବାଘ ଆତଙ୍କ ଦେଖାଯାଇଛି । ରାମକୃଷ୍ଣ ନଗରରେ ସୋମବାର ଭୋର ସମୟରେ ଗୋଟିଏ ବାଘ ଯାଇଥିବା ଦୃଶ୍ୟ ସିସିଟିଭି ଫୁଟେଜରୁ ଜଣାପଡିଛି । ଏହା ସହ ଘଟଣାସ୍ଥଳରେ କିଛି ପାଦ ଚିହ୍ନ ମଧ ପଡିଥିବା ଦେଖିବାକୁ ମିଳିଛି । ଖବର ପାଇ ଅପରାହ୍ନରେ, ବନବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ତେବେ ବନବିଭାଗ ପକ୍ଷରୁ ଏନେଇ କୌଣସି ନିର୍ଣ୍ଣୟ କରାଯାଇ ନଥିବା ବେଳେ, ମଙ୍ଗଳବାର ଦିନ ପାଦ ଚିହ୍ନର ନମୁନା ସଂଗ୍ରହ ଏବଂ ଟ୍ରାପ କ୍ୟାମେରା ଲଗାଇବା ପରେ ବାଘ ବୁଲିବା ଘଟଣା ନିର୍ଣ୍ଣୟ ହେବ । ପୂର୍ବରୁ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ବାଘଙ୍କ ଉପସ୍ଥିତି ନିର୍ଣ୍ଣୟ ହୋଇଥିଲା । ସେହି ଦୃଷ୍ଟିରୁ, ସୋମବାର ଦିନ ନଜରକୁ ଆସିଥିବା ଏହି ଘଟଣା ବାଘର ଉପସ୍ଥିତି ନେଇ ଏକପ୍ରକାର ସନ୍ଦେହ ବଢ଼ି ଯାଇଛି ।

## ୧୦୪ କିଲୋ ଗଞ୍ଜେଇ ଜବତ, ୨ ଗିରଫ

**ଫିରିଙ୍ଗିଆ,୧୮ ।୬(ସମିସ):** ନିର୍ବାଚନ ପାଇଁ କିଛିଦିନର ନୀରବତା ପରେ ପୁଣି କନ୍ଧମାଳ ଜିଲ୍ଲା ଗୋଚ୍ଛାପଡା ଥାନା ପୁଲିସ ଆରମ୍ଭ କରିଛି ଅପରେସନ ନୀଳ ଜହର ଅଭିଯାନ । ଜିଲ୍ଲା ପୁଲିସ ମୁଖିଆଙ୍କ ନିର୍ଦ୍ଦେଶ କ୍ରମେ ଅଞ୍ଚଳରୁ ଗଞ୍ଜେଇ କାରବାର ଉପରେ ରୋକ ଲଗାଇବା ପାଇଁ ଅପରେସନ ନୀଳଜହର ଆରମ୍ଭ ହୋଇଥିଲା । ନିର୍ବାଚନ ପାଇଁ କିଛିଦିନ ଅଭିଯାନ ବନ୍ଦ ରହିଥିଲା । ନିର୍ବାଚନ ପରେ ଗୋଚ୍ଛାପଡା ପୁଲିସ ପୁଣିଥରେ ଏହି ଅଭିଯାନକୁ ଆରମ୍ଭ କରିଛି । ଏହି ପରିପେକ୍ଷୀରେ ପୁଲିସକୁ ମିଳିଛି ସଫଳତା । ଗୋଟିଏ ଦିନରେ ପୁଲିସ ଏକ ଅଟୋ ଓ ଏକ ବାଇକ ସହ ୧୦୪ କିଲୋ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଥିବା ବେଳେ ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ପୁଲିସର ସୂଚନା ଅନୁସାରେ ସୋମବାର ଥାନା ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ସ୍ମୃତି ସାମଲଙ୍କ ନେତୃତ୍ୱରେ ପାଟ୍ରୋଲିଂ କରାଯାଉଥିବା ସମୟରେ ସଲାଗୁଡା ଛକ ନିକଟରୁ ଏକ ମୋଟର ସାଇକେଲରୁ ୨୪ କିଲୋ ଗଞ୍ଜେଇ ଜବତ କରାଯାଇଥିଲା । ସେହିପରି ସଲାଗୁଡା ପଞ୍ଚାୟତ କିଲୁପାଙ୍ଗା ଗାଁ ନିକଟ ମୁଖ୍ୟରାସ୍ତାରୁ ଏକ ଅଟୋ ରୁ ୮୦ କିଲୋ ଗଞ୍ଜେଇ ଜବତ କରାଯିବା ସହ ଏହି ଘଟଣାରେ ମଧ୍ୟ ଜଣକୁପୁଲିସ ଗିରଫ କରିଛି । ତେବେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସଲାଗୁଡ଼ା ଗାଁର ଅନିଲ ଦିଗାଲ ବୋଲି ଜଣାପଡିଥିବା ବେଳେ ଅଟୋରେ ଜବତ ହୋଇଥିବା ଗଞ୍ଜେଇ ମାମଲାରେ ଗିରଫ ହୋଇଥିବା ବ୍ୟକ୍ତି ଜଣକ ଗାଡିପଦର ଗାଁର ଡ୍ରାଞ୍ଜି ଦିଗାଲ ବୋଲି ଜଣାପଡିଛି ।

# ପିଏମ କିଷାନ ସମ୍ମାନ ନିଧି ଯୋଜନା
# ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ




**ଭଞ୍ଜନଗର, ୧୮ ।୬(ସମିସ):** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୧୭ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଉତ୍ତର ପ୍ରଦେଶର କାଶୀ ଠାରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗର ଠାରେ ଆଜି ଅପରାହ୍ନରେ ଏହାର ସିଧା ପ୍ରସାରଣ ହୋଇଥିଲା । ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ । କେନ୍ଦ୍ର ସରକାର ସବୁବେଳେ କୃଷିକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । ତେଣୁ ଏହି ୧୭ତମ କିସ୍ତି କୃଷି ଓ କୃଷକମାନଙ୍କର ସହାୟକ ହୋଇପାରିବ । ଏହି ଯୋଜନାରେ ଓଡ଼ିଶାରୁ ବଞ୍ଚିତ ଥିବା ଅନ୍ୟ ଚାଷୀଙ୍କୁ ମଧ ଖୁବଶୀଘ୍ର ଯୋଡ଼ା ଯିବ । ସେହିପରି ରାଜ୍ୟରେ ନୂତନ ସରକାର ଆଗାମୀ ଦିନରେ କୃଷିର ଉନ୍ନତି ସକାଶେ ସାର, ଜଳସେଚନ ଓ ଶୀତଳ ଭଣ୍ଡାରର ଆବଶ୍ୟକତାକୁ ଦୂର କରିବାକୁ ପ୍ରୟାସ କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱରଞ୍ଜନ କର, ଓୟୁଏଟି ଡିନ୍ ଡ଼. ହୃଷୀକେଶ ପାତ୍ର ମଞ୍ଚରେ ଉପସ୍ଥିତ ଥିଲେ । ସିଡ଼ିଭିଓ ଡ଼. ମନୋଜ କୁମାର ସାହୁ, ଡ଼ିଏଫଓ ନିମାଇଁ ଚରଣ ବସ୍ତିଆ, ଏସ. ରାମା ରାଓ, ଡ଼. ଶାନ୍ତନୁ କୁମାର ଶତପଥୀ, ନୀଳ ମାଧବ ପାତ୍ର, ଅଯୋଧ୍ୟାନାଥ ମହାପାତ୍ର, ବିନାୟକ ତ୍ରିପାଠୀ, ରବୀନ୍ଦ୍ର କୁମାର ଗୌଡ଼, ସୁବାଷ ଚନ୍ଦ୍ର ବରାଡ଼ଙ୍କ ସମେତ ଡ଼ିହ ପଡାଳ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ । ଶେଷରେ ବୈଜ୍ଞାନିକ ଅନିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ଦାବି ନେଇ କଂଗ୍ରେସର ବିକ୍ଷୋଭ



**ଛତ୍ରପୁର,୧୮ ।୬(ସମିସ):** ହିଞ୍ଜିଳିକାଟୁ ବିଧାନସଭା ଅନ୍ତର୍ଗତ ନୂଆଗଡ ଅଞ୍ଚଳରେ ଚାଲିଥିବା ବେଆଇନ ଦେଶି ମଦଭାଟି, ମନ୍ଦିର ସ୍କୁଲର ନିକଟରେ ବିଦେଶୀ ମଦ ଦୋକାନ ଓ ଗୁଡିସର, ସନ୍ତୋଷପୁର ଓ ଗଉଡପଲ୍ଲୀ ନଦିରୁ ବେଆଇନ ବାଲି ଉଠାଣ, ବେଆଇନ ଭାବେ ପାହାଡରୁ ପଥର ବ୍ଲାଷ୍ଟିଙ୍ଗ ଓ ଚାଲାଣକୁ ପ୍ରତିବାଦ କରି ମଙ୍ଗଳବାର ହିଞ୍ଜିଳି ବିଧାନସଭାମଣ୍ଡଳୀ କଂଗ୍ରେସ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହା ସହ ଏକ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି । ହିଞ୍ଜିଳି ନୂଆଗଡ ଅଞ୍ଚଳରେ ୬ଟି ବେଆଇନ ମଦଭାଟି ଚାଲିଛି । ସେହିଭଳି ଦୁର୍ବନ୍ଧ ଅଞ୍ଚଳରେ ଥିବା ମନ୍ଦିରର ୫୦ ମିଟର ଭିତରେ ଏକ ଦେଶୀ ମଦ ଦୋକାନ ଅଛି । ସେଗୁଡିକୁ ବନ୍ଦ କରିବା ପାଇଁ ସେମାନେ ଏହି ଦାବିପତ୍ର ମାଧ୍ୟମରେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନବେଳେ ବିଧାୟକ ପ୍ରାର୍ଥୀ ରଜନୀ କାନ୍ତ ପାଢୀ, ଶିବରାମ ପାଢୀ, ପ୍ରକାଶ ଚନ୍ଦ୍ର ବେହେରା, ନିଳାଞ୍ଚଳ ପାଢୀଗ୍ରାହୀ, ଗୋପିନାଥ ନାୟକ, ଶିବ ରଞ୍ଜନ ନାୟକ, ନିଳାଞ୍ଚଳ ପଣ୍ଡାଙ୍କ ସମେତ ହିଞ୍ଜିଳି ବିଧାନସଭା ମଣ୍ଡଳୀର ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ଆରପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ରାୟଗଡ,୧୮ ।୬ (ସମିସ):** ଗଜପତି ଜିଲ୍ଲା ରାୟଗଡ ବ୍ଲକ ସଦରମହକୁମାରେ ରାୟଗଡ଼ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଟୁର୍ଣ୍ଣାମେଣ୍ଟ ସୋମବାର ଉଦଘାଟିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଷମା ଶବର, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଗୋଲୁରୁ ଶୋଭାରାଣୀ, ଏସଆଇ କୃଷ୍ଣ ଚନ୍ଦ୍ର ମଲ୍ଲିକ, ଏସ୍‌ଆଇ ଜୋସ୍ନା ରୟ ଯୋଗଦେଇ ଉଦଘାଟନ କରିଥିଲେ । ରାୟଗଡ଼ରେ ପ୍ରଥମ ଥର କରି ରାତିରେ ମ୍ୟାଚ ଆରମ୍ଭ ହୋଇଛି । ଏଥିରେ ରାୟଗଡର ୧୬ ଦଳ ଅଂଶଗ୍ରହଣ କରିଛନ୍ତ । ଏହା ପାଞ୍ଚ ଧରି ପ୍ରତ୍ୟେକ ସନ୍ଧ୍ୟାରେ ଖେଳାଯିବ । ଫାଇନାଲରେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ ପକ୍ଷରୁ ସୂଚନା ମିଳିଛି । ଏହି ପ୍ରତିଯୋଗିତାକୁ ଏ. ଶ୍ରୀକାନ୍ତ ଦୋରା, ଜଗତ ପଟନାୟକ, ଅଶୋକ ପାଇକ, ଲୋକେଶ ପଟ୍ଟନାୟକ, ଅଭିମାନ ପଟ୍ଟନାୟକ, ମିଥୁନ ଦାସ, କାଳିଆ ପାଇକ ଓ ସାଗର ବାରିକ ପରିଚାଳନା କରୁଥିବା ଜଣାଯାଇଛି ।

## ଶିକ୍ଷକ ସଂଘ ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ବେଲଗୁଣ୍ଠା,୧୮ ।୬(ସମିସ):** ବେଲଗୁଣ୍ଠା ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ନବ ନିର୍ବାଚିତ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସଂଘ ସଭାପତି ବସନ୍ତ କୁମାର ଜେନାଙ୍କ ନେତୃତ୍ୱରେ ସମ୍ପାଦକ ବାଳକୃଷ୍ଣ ସାବତ, ଉପସଭାନେତ୍ରୀ ଦୀପ୍ତାଂଶୁ ପ୍ରଭା ଦେବୀ, ଉପସଭାପତି ସଚ୍ଚିଦାନନ୍ଦ ପ୍ରଧାନ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବେହେରା, ଜିଲ୍ଲା ସଂଗଠକ ସମ୍ପାଦକ ବଲ୍ଲଭ ପଣ୍ଡା, ଜିଲ୍ଲା ପ୍ରତିନିଧି ଛାୟାକାନ୍ତ ମହାପାତ୍ର, ନୀଳକଣ୍ଠ ନନ୍ଦ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରଦୀପ ମାହୁନ୍ତ, ପବିତ୍ର ମୋହନ ଶତପଥି, ରମେଶ୍ ଚନ୍ଦ୍ର ମହାପାତ୍ର, ଗଞ୍ଜାମ ଜିଲ୍ଲା ସଂଗଠକ ସମ୍ପାଦକ ସମୀର କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ବିଧାୟକ ଶ୍ରୀ ବିଷୋୟୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ସୋରଡ଼ା ନିର୍ବାଚନମଣ୍ଡଳୀର ଶିକ୍ଷା ସମ୍ବନ୍ଧୀୟ ସମସ୍ୟା ପାଇଁ ଶିକ୍ଷା ଅଧିକାରୀ ଏବଂ ଶିକ୍ଷକ ସଂଗଠନ ଗୁଡ଼ିକୁ ଡକାଇ ସେମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ପ୍ରତ୍ୟେକ ଗୁରୁଙ୍କୁ ସମ୍ମାନ ପ୍ରଦାନ ମୋର ଧର୍ମ ହେବ ବୋଲି ପ୍ରକାଶ କରିଥିଲେ ।

## ଔଷଧ ବ୍ୟବସାୟୀଙ୍କ ପରଲୋକ



**ଦିଗପହଣ୍ଡି,୧୮ ।୬(ସମିସ):** ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡରେ ଥିବା ଜଗତଜନନୀ ଆୟୁର୍ବେଦିକ ଔଷଧାଳୟର ମାଲିକ ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ପରଲୋକ ହୋଇଯାଇଛି । ସେ ଗତ କିଛି ଦିନ ଧରି ମସ୍ତିଷ୍କାଘାତରେ ପୀଡିତ ହୋଇ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ସୋମବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଖମାରିଗାଁ ପଞ୍ଚାୟତର ଗୋଲଣ୍ଡା ଗ୍ରାମରୁ ଆସି ଦିଗପହଣ୍ଡିରେ ରହୁଥିବା ପ୍ରଶାନ୍ତ ଜଣେ ସରଳ, ଶାନ୍ତ ସ୍ୱଭାବର ଯୁବକ ରହି ଆସିବା ସହ ତାଙ୍କର ମେଳାପୀ ଓ ନମ୍ର ବ୍ୟବହାର ଯୋଗୁଁ ସେ ସମସ୍ତଙ୍କ ପ୍ରିୟଭାଜନ ମଧ ଥିଲେ । ମରଶରୀର ପହଞ୍ଚିବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ ଅନ୍ତିମ ସତ୍କାର କରାଯାଇଥିଲା । ପ୍ରଶାନ୍ତଙ୍କ ଅକାଳ ବିୟୋଗରେ ଦିଗପହଣ୍ଡି ଓ ଗୋଲଣ୍ଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ସରିଲା ଗ୍ରୀଷ୍ମ ଛୁଟି, ଖୋଲିଲା ସ୍କୁଲ୍

**ଜି.ଉଦୟଗିରି,୧୮ ।୬(ସମିସ):** ଲମ୍ବା ଗ୍ରୀଷ୍ମ ଛୁଟି ପରେ ଖୋଲିଛି ସ୍କୁଲ । ସକାଳୁ ସକାଳୁ ଛାତ୍ରଛାତ୍ରୀ ସାଇକଲରେ ସ୍କୁଲ ଯାଉଥିବା ଦେଖିବାକୁ ମିଳିଛି । ନିରବତାରେ ବନ୍ଦ ରହିଥିବା ସ୍କୁଲ ପରିସରରେ ଶୁଭିଛି କୋଳାହଳ । ସ୍କୁଲ ଖୋଲିବାକୁ ନେଇ ଛାତ୍ରଛାତ୍ରୀ ଉତ୍ସାହିତ ଥିବା ବେଳେ ଶିକ୍ଷକ/ଶିକ୍ଷୟତ୍ରୀ କରିଛନ୍ତି ସ୍ୱାଗତ । ସ୍କୁଲ ଖୋଲିବାକୁ ନେଇ ୭ ଦିନ ପୂର୍ବରୁ ସଫେଇ ଉପରେ ଧ୍ୟାନ ଦିଆଯିବା ସହିତ ଶିକ୍ଷାନୁଷ୍ଠାନରେ କରାଯାଇଥିଲା ଆବଶ୍ୟକ ମରାମତି । ଛାତ୍ରମାନେ ସ୍କୁଲ ଖେଲିବା ପ୍ରଥମ ଦିନରେ ଆଗ୍ରହ ଏବଂ ଉତ୍ସାହର ସହିତ ଆସିଥିଲେ ବୋଲି ହବାକ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର ଏବଂ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ କହିଛନ୍ତି । ଖେଳକୁଦ ସହିତ ବୁଲାବୁଲି କରି ସ୍ୱାଧୀନ ଭାବେ ଦିନ ବିତାଉଥିବା କୋମଳ ଶିଶୁ ପୁଣି ଥରେ ସମୟ ସାରଣୀରେ ଆରମ୍ଭ କରିଛି ପାଠପଢା ।

